ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.22 . No.227, Bhubaneswar Monday, October 21, 2019 | ୨୨ତମ ବର୍ଷ | ସଂଖ୍ୟା-୨୨୭ | ଭୁବନେଶ୍ୱର ସୋମବାର, ଅକ୍ଟୋବର ୨୧, ୨୦୧୯ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ଆଜି ବିଜେପୁର ଉପ ନିର୍ବାଚନ ପାଇଁ ଭୋଟ ଗ୍ରହଣ




ଭୁବନେଶ୍ୱର, (ପିଏନ)- ସାମବାର ଦିନ ବିଜେପୁର ବିଧାନସଭା ଆସନ ପାଇଁ ଭୋଟଗ୍ରହଣ ଅନୁଷ୍ଠିତ ହେବ। ସକାଳ ସାତଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇ ସଂଧ୍ୟା ୬ଟା ଯାଏ ଚାଲିବ । ଏ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଭୋଟଦାନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ବ୍ୟାପକ ପ୍ରସ୍ତୁତି କରା ଯାଇଛି । ଉଲ୍ଲେଖନୀୟ ଯେ ବିଜେପୁର ନିର୍ବାଚନମଣ୍ଡଳୀରେ ମୋଟ ୨୮୫ଟି ବୁଥ୍ ରେ ଭୋଟ୍ ଗ୍ରହଣ ହେବ। ୨ଲକ୍ଷ ୩୨ହଜାର ୨୬୪ଜଣ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୧ ଲକ୍ଷ ୨୦ ହଜାର ୧୩୫ ଜଣ ପୁରୁଷ ଭୋଟର ଏବଂ ୧ ଲକ୍ଷ ୧୨ ହଜାର ୧୧୪ ଜଣ ମହିଳା ଭୋଟର ରହିଛନ୍ତି। ଜଣେ ମହିଳା ପ୍ରାର୍ଥୀ ଏବଂ ୪ ଜଣ ପୁରୁଷ ପ୍ରାର୍ଥୀ ମୋଟ୍ ୫ ଜଣ ପ୍ରାର୍ଥୀଙ୍କର ଭାଗ୍ୟ ପରୀକ୍ଷା ହେବ।

ଭୋଟଗ୍ରହଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବାବେଳେ ୧୨୯ ଟି ବୁଥକୁ ସମ୍ବେଦନଶୀଳ ଚିହ୍ନଟ କରାଯାଇଛି। ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ମୋଟ ୧୮୯୫ଜଣ କର୍ମଚାରୀଙ୍କୁ ଭୋଟ ଗ୍ରହଣ କେନ୍ଦ୍ରରେ ନିୟୋଜିତ କରାଯାଇଛି। ନିର୍ବାଚନମଣ୍ଡଳୀରେ ୬ଟି ବୁଥ୍ ନକ୍ସଲ ପ୍ରବଣ ଅଂଚଳରେ ହୋଇଥିବାବେଳେ ୧୪ଟି ବୁଥରେ ସିସିଟିଭି, ୧୬ଟି ବୁଥରେ ଭିଡିଓଗ୍ରାଫି ଓ ୨୮ଟି ବୁଥରେ ୱେବକାଷ୍ଟିଙ୍ଗ୍ କରାଯିବ ବ୍ୟବସ୍ଥା କରାଯିବାକୁ ନିଷ୍ପତି ହୋଇଛି। ନିର୍ବାଚନ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ମଧ କଡ଼ାକଡ଼ି କରାଯାଇଛି। ଅପନ୍ୟପକ୍ଷରେ ରାଜ୍ୟ ସରକାର ବିଜେପୁର ଉପନିର୍ବାଚନ ପାଇଁ ୨୧ତାରିଖିକୁ ସର୍ବେତନିକ ଛୁଟି ଘୋଷଣା କରିଛନ୍ତି।



ହରିୟାଣା ବିଧାନସଭା ନିର୍ବାଚନ ପାଇଁ ବୁଥକୁ ଯାଉଛନ୍ତି ପୁଲିଂ ଅଫିସରମାନେ

## ମରୀଚିକା ପାଲଟିଛି ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ସେତୁ ନିର୍ମାଣ : ମନ୍ତ୍ରୀଙ୍କୁ ଚିଠି ଲେଖିବଲେ ବିରୋଧି ନେତା

ଜୟପାଟଣା, (ପିଏନ)-କଳାହାଣ୍ଡି ଜିଲ୍ଲା ଥୁଆମୁଳ ରାମପୁର ବ୍ଲକର ଭୌଗୋଳିକ ପରିସୀମା ମଧ୍ୟରେ ଇନ୍ଦ୍ରାବତୀ ଜଳ ଭଣ୍ଡାର ସୃଷ୍ଟି ହେଲା । ଗୋପିନାଥପୁର, ଅଡ୍ରି, ମାଳିଗାଁ, ପାଡ଼େପଦର, ଘୁଟୁଖାଲ ଆଦି ପଂଚାୟତର ଅନେକାଂଶ ଇଲାକା ଜଳ ଭଣ୍ଡାର ମଧ୍ୟରେ ବିଲୀନ ହେଲାପରେ ଲୋକଙ୍କୁ ବିସ୍ଥାପିତ କରାଗଲା । କିନ୍ତୁ ଆବଶ୍ୟକ ସମ୍ବଳ ଜୁଟାଇବାରେ ବିଫଳ ହୋଇଥିବା ମଣିଷମାନେ ସେହି ଅଂଚଳରେ ହିଁ ଉଚ୍ଚ ସ୍ଥଳୀମାନ ଦେଖିବ ଗାଁ ବସେଇଦେଲେ ।ଏହି ପ୍ରଭାବିତ ଲୋକମାନଙ୍କ ଗମନାଗମନ ସୁବିଧା, ସାମାଜିକ ସମ୍ପର୍କ ଓ ଅର୍ଥନୀତି ସାଙ୍ଗରେ ଉଭୟ ପାର୍ଶ୍ୱର ସମ୍ପର୍କ ଯୋଡ଼ି ହୋଇଥିବାରୁ ଲୋକେ ଜଳ ଭଣ୍ଡାର ଆରମ୍ଭରୁ ହିଁ ଏକ ସମ୍ପର୍କରସେତୁ ପାଇଁ ଦାବି କରି ଆସୁଥିଲେ। ଇତି ମଧ୍ୟରେ ଚାରି ଚାରି ଥର ଟେଣ୍ଡର ଆହ୍ୱାନ କରି ପୁନର୍ବାର ବାତିଲ ହେଉଥିବା ଘଟଣାକୁ ଏବେ ଆଉ ଲୋକେ ହଜମ କରି ପାରୁନାହାନ୍ତି । ଏହି ଘଟଣାକୁ ସରକରଙ୍କର ଇଚ୍ଛା ଶକ୍ତିର ଅଭାବ ବୋଲି ଲୋକେ ଆଖ୍ୟା ଦେଉଥବବା ବେଳେ ଏବେ ବିରୋଧି ଦଳ ନେତା ପ୍ରଦୀପ କୁମାର ନାଏକ ସମ୍ପୃକ୍ତ ମନ୍ତ୍ରୀଙ୍କୁ ବ୍ରିଜ ତିଆରି ସମ୍ପର୍କରେ ଚିଠି ଲେଖିବା ଘଟଣା ଅଂଚଳର ଲୋକଙ୍କ ପାଇଁ ଆଉ ଏକ ନୂତନ ଆଶାର ଜାଗୃତି କରିଛି । ଇନ୍ଦ୍ରାବତି ଜଳ ଭଣ୍ଡାର କାର୍ଯ୍ୟ ଆରମ୍ଭ ହେବା ପରେ ତତ୍ ସଂଲଗ୍ନ କୋକେଲପଦର ପାଖରେ ଏକ ପଙ୍କ ଅବରୁଦ୍ଧ ସେତୁର କାର୍ଯ୍ୟାରମ୍ଭ ହେଲା । ଏହି ପଙ୍କ ଅବରୁଦ୍ଧ ସେତୁ ଜଳ ଭଣ୍ଡାରର ଜଳ ପତନର ଉର୍ଦ୍ଧରେ ରହିଥିବାରୁ ଲୋକଙ୍କ ଯାତାୟତର ଲକ୍ଷ୍ୟ ହାସଲ କରିବା ପାଇଁ କାର୍ଯ୍ୟକ୍ଷମ ହେବାର ଚିନ୍ତା କରାଯାଇଥିଲା । କିନ୍ତୁ ପୂର୍ଣ୍ଣାଙ୍ଗ ହେବା ପରେ ପରେ ସେତୁ ଭାଙ୍ଗି ଯିବା ସହିତ ଲୋକଙ୍କ ସମସ୍ତ ସମ୍ଭାବନା ପାଣିରେ ମିଶିଗଲା । କାଠ ଡଙ୍ଗାରେ ଭରଷା କରି ସବୁବେଳେ ଆଶଙ୍କା ମଧ୍ୟରେ ଦିନ କାଟୁଥିବା ଲୋକଙ୍କ ଜୀବନ ଯାତ୍ରା ଦୁର୍ବିସହ ହୋଇପଡ଼ିଲା ।

## ଫାଇନାନ୍ସ କମ୍ପାନୀ ଲୁଟ୍ ମାମଲା, ୪ ଗିରଫ

ଜୟପାଟଣା, (ପିଏନ)-ସଦର ପୋଲିସ ଫାଇନାନ୍ସ କମ୍ପାନୀ କର୍ମଚାରି ଠାରୁ ଲୁଟ୍ ମାମଲା ରେ ୪ ଜଣ କୁ ଗିରଫ କରିଛି । ପୋଲିସ ସୁତ୍ରରୁ ପ୍ରକାଶ ଯେ ଫାଇନାନ୍ସ କମ୍ପାନୀର କର୍ମଚାରି ଠାରୁ କେତେ ଜଣ ଦୁର୍ବୃତ ଗତ ୧୧.୧୦.୧୯ ତାରିଖରେ ନୁଆପୁଟ ଠାରେ ଆକ୍ରମଣ କରି କର୍ମଚାରି କୁ ବେହୋଶ କରି ୬୫ ହଜାର ୮୧୦ ଟଙ୍କା ଲୁଟ୍ କରିଥିଲେ । ଏନେଇ ଅଭିଯୋଗ ହେବାପରେ ପୋଲିସ ୧୭୮/୧୯ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ସେମାନେ ହେଲେ ଜୟପୁର ଢେପଗୁଡାର ଅକ୍ଷୟ କୁମାର ସାଗର, ରୋହନ କୁଲଦୀପ , ଜୟପୁର ସଦର ଥାନା ଅନ୍ତର୍ଗତ ଘିଉରି ଗ୍ରାମର ରବି ହରିଜନ, ନବରଙ୍ଗପୁର ବିଜରାଗୁଡା ଗ୍ରାମର ଚନ୍ଦ୍ର ଶେଖର ହରିଜନ । ଗିରଫ ଅଭିଯୁକ୍ତ ଠାରୁ ପୋଲିସ ୧୮ ହଜାର ଟଙ୍କା, ୪ଟି ମୋବାଇଲ, ଟ୍ୟାବ, ବାୟୋମେଟ୍ରିକ ଡିଭାଇସ, କାଗଜ ପତ୍ର, ବାଇକ ଓଡି ୧୦ ଜି ୫୯୨୬ ସହ ଆକ୍ରମଣ ହୋଇଥିବା ଲାଠି କୁ ମଧ୍ୟ ପୋଲିସ ଜବତ କରିଛି । ଗିରଫ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରିଥିବା ବିଷୟ ଥାନା ଅଧିକାରି ଶିବ ଶଙ୍କର ସାହୁ ପ୍ରକାଶ କରିଛନ୍ତି ।

## ପିଓକେର ଆତଙ୍କୀ ଶିବିର ଉପରେ ସେନାର ଆକ୍ରମଣ

### ଚାରି ଆତଙ୍କୀ ଲଂଚ ପ୍ୟାଡ ଧ୍ୱସ୍ତ

ନୂଆଦିଲ୍ଲୀ, (ପିଏନ)- ଜାମ୍ମୁ କାଶ୍ମୀରର କୁପବାଡା ଜିଲ୍ଲାର ତଙ୍ଗଧାର ସେକ୍ଟରରେ ପାକିସ୍ତାନ ଦ୍ୱାରା ଅସ୍ତ୍ର ବିରତି ଉଲ୍ଲଂଘନର ଜବାବରେ ଭାରତୀୟ ସେନା ପାକିସ୍ତାନ ଅଧିକୃତ କାଶ୍ମୀର ସ୍ଥିତ ଆତଙ୍କବାଦୀ ଶିବିର ଉପରେ ଆକ୍ରମଣ କରିଛି । ତୋପ ଦ୍ୱାରା ଆତଙ୍କବାଦୀ ଶିବିର ଉପରେ ଗୋଳା ପକା ଯାଇଥିବାର ଖବର ରହିଛି । ଏହି ଆତଙ୍କବାଦୀ ଶିବିରକେ ଆତଙ୍କବାଦୀ ମାନଙ୍କୁ ଭାରତ ଭିତରକୁ ଅନୁପ୍ରବେଶ କରାଇବାକୁ ଚେଷ୍ଟା କରା ଯାଉଥିଲେ । ଏହା ଫଳରେ ୫ ଜଣ ପାକିସ୍ତାନୀ ସୈନିକଙ୍କ ମୃତ୍ୟୁ ହୋଇଥିବା ଜଣା ପଡିଛି ଓ ଅନେକ ଆହତ ହୋଇଛନ୍ତି ।

ସୂତ୍ରଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ପିଓକେର ନୀଲମ ଭ୍ୟାଲୀ ଠାରେ ଆତଙ୍କବାଦୀ ମାନଙ୍କର ଚାରୋଟି ଲଂଚ ପ୍ୟାଡକୁ ଧ୍ୱସ୍ତ କରି ଦିଆ ଯାଇଛି । ରବିବାର ସକାଳୁ ପାକିସ୍ତାନ ପକ୍ଷରୁ ଲଗାତାର ଯୁଦ୍ଧ ବିରତି ଉଲ୍ଲଂଘନ କରାଯାଇ ଭାରତୀୟ ପୋଷ୍ଟ ଓ ସାଧାରଣ ଲୋକ ମାନଙ୍କର ରହିବା ସ୍ଥାନ ଉପରେ ଆକ୍ରମଣ କରା ଯାଇଥିଲା । ଏଥିରେ ଭାରତୀୟ ସେନାର ଦୁଇ ଜଣ ସୈନିକ ବୀର ଗତି ପ୍ରାପ୍ତ ହେବା ସହ ଜଣେ ନାଗରିକ ମଧ୍ୟ ଶହୀଦ ହୋଇଛନ୍ତି । ଏହି ଘଟଣାରେ ଚାରି ଜଣ ଆହତ ହୋଇଛନ୍ତି ଓ ସେମାନଙ୍କୁ ସ୍ଥାନୀୟ ହସପିଟାଲରେ ଭର୍ତୀ କରା ଯାଇଛି । ଏହା ପରେ ଭାରତୀୟ ସେନା ପକ୍ଷରୁ ଜବାବୀ କାର୍ଯ୍ୟାନୁଷ୍ଠାନ କରା ଯାଇଥିଲା ।

### ପାକିସ୍ତାନର ୧୦ ଜଣ ସୈନିକ ନିହତ : ଜେନେରାଲ ରାବତ

ନୂଆଦିଲ୍ଲୀ, (ପିଏନ)- ପାକିସ୍ତାନ ପକ୍ଷରୁ ଆତଙ୍କବାଦୀ ଅନୁପ୍ରବେଶ ଉଦ୍ୟମର ଜବାବରେ ଭାରତୀୟ ସେନାର କଠୋର କାର୍ଯ୍ୟାନୁଷ୍ଠାନରେ ତିନି ଆତଙ୍କୀ କ୍ୟାମ୍ପ ଧ୍ୱଂସ ହୋଇଥିବା ସେନାଧ୍ୟକ୍ଷ ଜେନେରାଲ ବିପିନ ରାବତ କହିଛନ୍ତି । ସେନାଧ୍ୟକ୍ଷ କହିଛନ୍ତି ଯେ, ସେନାର ଏହି କାର୍ଯ୍ୟାନୁଷ୍ଠାନରେ ୬ ରୁ ୧୦ ପାକିସ୍ତାନୀ ସୈନିକ ପ୍ରାଣ ହରାଇଛନ୍ତି ଏବଂ ଅନେକ ଆତଙ୍କବାଦୀ ନିହତ ହୋଇଛନ୍ତି ।ଜେନେରାଲ ରାବତ କହିଛନ୍ତି, ଅଥମୁକମ, ଜୁରା, କୁନ୍ଦଲସାହିରେ ସେନା ଆତଙ୍କୀ କ୍ୟାମ୍ପକୁ ଟାର୍ଗେଟ୍ କରିଛନ୍ତି । ଅନୁପ୍ରବେଶ ରୋକିବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ କରାଯାଇଥିଲା । ବରଫପାତ ପୂର୍ବରୁ ଘାଟିରେ ଆତଙ୍କବାଦୀଙ୍କ ଅନୁପ୍ରବେଶ ପାଇଁ ଉଦ୍ୟମ କରାଯାଉଥିଲା, ଯାହାକୁ ଆମେ ବିଫଳ କରିଛୁ ବୋଲି ଜେନେରାଲ ରାବତ କହିଛନ୍ତି ।ସେ କହିଛନ୍ତି ଯେ, ପିଓକରେ ଆତଙ୍କୀ କ୍ୟାମ୍ପ ସକ୍ରିୟ ଥିବା ଠୋସ୍ ପ୍ରମାଣ ଥିଲା । ଅନୁପ୍ରବେଶ କରିବା ବେଳେ ଭାରତୀୟ ସେନାର କାର୍ଯ୍ୟାନୁଷ୍ଠାନରେ ବହୁତ ଆତଙ୍କବାଦୀ ମରିଛନ୍ତି । କାଶ୍ମୀରରେ ଶାନ୍ତିର ମାହୋଲ ରହିଛି । ସେଓ କାରବାର ସହିତ ସବୁ ପ୍ରକାରର ବ୍ୟବସାୟ ଆରମ୍ଭ ହୋଇ ଯାଇଛି । ଉପତ୍ୟକାରେ ସ୍ଥିତି ସ୍ୱାଭାବିକ ରହିଛି । ମାତ୍ର ଘାଟିରେ ଅଶାନ୍ତି ମାହୋଲ ସୃଷ୍ଟି କରିବାକୁ ପାକିସ୍ତାନ ଉଦ୍ୟମ କରୁଛି, ଯଦ୍ୱାର ଅନ୍ତରାଷ୍ଟ୍ରୀୟ ସମୁଦାୟକୁ ଏହା ସନ୍ଦେଶ ଯିବ ଯେ ଧାରା ୩୭୦ ଉଚ୍ଛେଦ ପରେ କାଶ୍ମୀରରେ ସ୍ଥିତି ସ୍ୱାଭାବିକ ନାହିଁ । ଅନୁପ୍ରବେଶ ରୋକିବା ବେଳେ ଭାରତୀୟ ସେନା ଆର୍ଟିଲରୀ ଗନ ଜରିଆରେ ଆତଙ୍କୀ କ୍ୟାମ୍ପ ଧ୍ୱଂସ କରିଥିବା ଜେନେରାଲ ବିପିନ ରାବତ କହିଛନ୍ତି ।ସେନା ପ୍ରମୁଖ କହିଛନ୍ତି ଯେ, ଅଦ୍ୟାବଧି ଖବର ମୁତାବକ ୬ ରୁ ୧୦ ପାକ୍ ସୈନିକ ଓ ବହୁ ଆତଙ୍କୀ ସେନା କାର୍ଯ୍ୟାନୁଷ୍ଠାନରେ ମରିଛନ୍ତି । ତିନି ଆତଙ୍କୀ କ୍ୟାମ୍ପ ଧ୍ୱଂସ ହୋଇଛି ଏବଂ ଚତୁର୍ଥ କ୍ୟାମ୍ପ କିଛି ମାତ୍ରାରେ କ୍ଷତି ଘଟିଛି ।।

## ପ୍ରତିରକ୍ଷା ମନ୍ତ୍ରୀ ସ୍ଥଳସେନା ମୁଖ୍ୟଙ୍କ ସହ କଲେ କଥାବାର୍ତ୍ତା

ନୂଆଦିଲ୍ଲୀ, (ପିଏନ)- ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ରବିବାର ଦିନ ଦେଶର ସ୍ଥଳ ସେନା ମୁଖ୍ୟ ବିପିନ ରାଓତଙ୍କ ସହ କଥାବାର୍ତା ହୋଇ ଜାମ୍ମୁ କାଶ୍ମୀରର ତଙ୍ଗଧାର ସେକ୍ଟରରେ ପାକିସ୍ତାନୀ ସେନା ଦ୍ୱାରା ଯୁଦ୍ଧ ବିରତି ଉଲ୍ଲଂଘନ ଓ ଭାରତ ଦ୍ୱାରା ପାକ ଅଧିକୃତ କାଶ୍ମୀରରେ ଭାରତୀୟ ସେନା ଦ୍ୱାରା କରା ଯାଇଥିବା ଆକ୍ରମଣ ସମ୍ପର୍କରେ ସୂଚନା ନେଇଥିବା ଜଣା ପଡିଛି ।

ସୂତ୍ରଙ୍କ ଅନୁସାରେ ଟେଲିଫୋନରେ ଏହି କଥାବାର୍ତା ବେଳେ ପ୍ରତିରକ୍ଷା ମନ୍ତ୍ରୀ ସମସ୍ତ ତଥ୍ୟ ନେବା ସହ ପରବର୍ତୀ ସ୍ଥିତି ସମୟରେ ଅବଗତ କରିବା ଜାରୀ ରଖିବାକୁ ସେ ଜେନେରାଲ ରାବତଙ୍କୁ କହିଛନ୍ତି । ସେ ଏହି ପ୍ରସଙ୍ଗ ଉପରେ ସମ୍ପୂର୍ଣ୍ଣ ନଜର ରଖିଥିବା ଶ୍ରୀ ସିଂହ କହିଛନ୍ତି ।



## ଯାଜପୁର ଏସପି ମୃତକ ସ୍ମିତାରାଣୀଙ୍କ ଚରିତ୍ର ହନନ କରିବା ଏବଂ ତଦନ୍ତକୁ ପ୍ରଭାବିତ କରିବା ଅଭିଯୋଗରେ ଡିଜିପି ଭେଟିଲା ବିଜେପି ପ୍ରତିନିଧୀ ଦଳ

ଭୁବନେଶ୍ୱର, (ପିଏନ)- ଯାଜପୁର ଏସପି ମୃତକ ସ୍ମିତାରାଣୀଙ୍କ ଚରିତ୍ର ହନନ କରିବା ସହ ତଦନ୍ତକୁ ପ୍ରଭାବିତ କରିଛନ୍ତି । ଗୋଟିଏ ଜଘନ୍ୟ ଅପରାଧ ମାମଲାରେ ତଦନ୍ତ ଚାଲୁଥିବା ସମୟରେ, ତଦନ୍ତ ରିପୋର୍ଟ ବା ଚାର୍ଜସିଟ ଦାଖଲ ହେବା ପୂର୍ବରୁ ଏସପି ଚରଣସିଂହ ମୀନା ଆସି ପ୍ରେସ ବିବୃତି ଦେଇ ଏହାକୁ ଆତ୍ମହତ୍ୟା ଦର୍ଶାଇ ତଦନ୍ତକୁ ପ୍ରଭାବିତ କରିବା ପାଇଁ ଏକ ଭୟଙ୍କର ଷଡଯନ୍ତ୍ର ରଚିଛନ୍ତି । ମୁଖ୍ୟ ଅଭିଯୁକ୍ତ ରୂପେଶ ଭଦ୍ର ଓରଫ ନାଣ୍ଟୁକୁ ଖସାଇଦେବା ପାଇଁ ଏସପି ବିଦ୍ଧିବଦ୍ଧ ଯୋଜନା କରିଛନ୍ତି । ଯାଜପୁର ଏସପି ଶାସକ ବିଜେଡିର ପ୍ରଭାବଶାଳୀ ଅପରାଧିକ ନେତାମାନଙ୍କୁ ଖସାଇଦେବା ପାଇଁ ଏବଂ ଏହି ଜଘନ୍ୟ ହତ୍ୟାକାଣ୍ଡରେ ତଥ୍ୟପ୍ରମାଣ ନଷ୍ଟ କରିବା ପାଇଁ ଏଭଳି ମିଥ୍ୟା ତଥ୍ୟ ଗଣମାଧ୍ୟମ ଆଗରେ ରଖିଛନ୍ତି । ସ୍ମିତାରାଣୀଙ୍କ ମୃତ୍ୟୁ ପରେ ତାଙ୍କ ଚରିତ୍ର ହନନ କରିବା ଏବଂ ଘଟଣାକୁ ଏକ ଭିନ୍ନ ମୋଡ ଦେବା ଅଭିଯୋଗରେ ଯାଜପୁର ଏସପିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଆଜି ରାଜ୍ୟ ବିଜେପି ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧୀ ଦଳ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ଭେଟି ଦାବି କରିଛି ।



ଯାଜପୁର ଏସପି ଶ୍ରୀ ମୀନା ମୃତକ ସ୍ମିତାରାଣୀ ବିଶ୍ୱାଳଙ୍କ ଅବୈଧ ସଂପର୍କ ଥିବା ନେଇ କହି ଓଡିଶାର ନାରୀ ଜାତିକୁ ଅସମ୍ମାନିତ କରିଛନ୍ତି । ଗଣଦୁର୍ଷ୍କର୍ମ ଏବଂ ହତ୍ୟା ତଦନ୍ତ ଭିତରେ ଶ୍ରୀ ମୀନା କିପରି ଜାଣିଲେ ଯେ, ସ୍ମିତାରାଣୀଙ୍କର ଅଭିଯୁକ୍ତ ରୂପେଶ ଭଦ୍ରଙ୍କ ସହ ଅନୈତିକ ସଂପର୍କ ରହିଛି । ସ୍ମିତାରାଣୀ ଆତ୍ମହତ୍ୟା କରିଛନ୍ତି ବୋଲି ଅଭିଯୁକ୍ତ ରୂପେଶ ଭଦ୍ରର ବିବୃତିକୁ ନିଜେ ଏସପି ଦୋହରାଇବା ଅତ୍ୟନ୍ତ ନିନ୍ଦନୀୟ ଏବଂ ଦୋଷୀ ବିଜେଡିର ପ୍ରଭାବଶାଳୀ ନେତାମାନଙ୍କୁ ଖସାଇଦେବାର ଷଡଯନ୍ତ୍ର । ଜଣେ ମହିଳା ମରି ସାରିବା ପରେ ତାଙ୍କ ଚରିତ୍ର ହନନ କରି ତାଙ୍କର ପରିବାରଜନ ଏବଂ ୪ ବର୍ଷର ଶିଶୁ କନ୍ୟାର ମାନବଧିକାରକୁ ଘୋର ଉଲ୍ଲଂଘନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଏସପି ଚରମସିଂହ ମୀନା ଆଇନକୁ ବାଟମାରଣା କରିବା ଏବଂ ମୃତକ ସ୍ମିତାରାଣୀଙ୍କ ଚରିତ୍ର ହନନ କରିବା ଆରୋପରେ ତାଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିନିଧୀ ଦଳ ପୋଲିସ ମହାନିର୍ଦ୍ଦେଶକଙ୍କ ଆଗରେ ଦାବି କରିଛି ।

ଏହି ପ୍ରତିନିଧୀ ଦଳରେ ପୂର୍ବତନ ସାଂସଦ ବିଭୁ ତରାଇ, ରାଜ୍ୟ ସଂପାଦକ ଦିଲ୍ଲୀପ ମଲ୍ଲିକ ଓ ଡ. ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ ଏବଂ ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତି ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।



ମାନିଲା-ଫିଲିପାଇନ୍ସରେ ମହାତ୍ମା ଗାନ୍ଧିଙ୍କ ଏକ ପ୍ରତିମୂର୍ତ୍ତିକୁ ଅନାବରଣ କରୁଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ

## ଡିଏଲଡବ୍ଲ୍ୟୁ ମୃତ୍ୟୁ ଘଟଣାରେ ବିଜେପି ହୀନ ରାଜନୀତି କରୁଛି: ବିଜେଡ଼ି

ଭୁବନେଶ୍ୱର, (ପିଏନ)- ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକର ଡିଏଲଡବ୍ଲ୍ୟୁ ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ଘଟଣାରେ ପୁଲିସ ହରିଦାଶପୁର ପଂଚାୟତର ସରପଂଚଙ୍କ ସ୍ୱାମୀ ରୂପେଶ ଭଦ୍ରଙ୍କୁ ବାନ୍ଧିବା ସହିତ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିବାବେଳେ ରାଜନୈତିକ ଅଭିସନ୍ଧି ରଖି ଭାରତୀୟ ଜନତା ପାର୍ଟି (ବିଜେପି) ଏବେ ଏଥିରେ ବିଜେଡି ନେତାମାନଙ୍କୁ ଯୋଡ଼ିବାକୁ ଉଦ୍ୟମ କରୁଛି । ଏପରିକି ଏହି ମାମଲାରେ ବିଜେଡିକୁ ଯୋଡିବା ପାଇଁ ଗିରଫ ହୋଇଥିବା ସରପଂଚଙ୍କ ସ୍ୱାମୀଙ୍କ ସହିତ କିଛି ବିଜେଡି ନେତାଙ୍କ ଫଟୋ ଦେଖାଇଛନ୍ତି । ତେବେ ଗିରଫ ହୋଇଥିବା ରୂପେଶଙ୍କ ସହିତ ବିଜେପିର କିଛି ବରିଷ୍ଠ ନେତାଙ୍କ ମାଳ ମାଳ ଫଟୋ ଏବେ ପଦାକୁ ଆସିଛି । ତେଣୁ ଏହି ମାମଲାରେ କ'ଣ ବିଜେପି ନେତାମାନେ ଜଡିତ କି ବୋଲି ପ୍ରଶ୍ନ କରିଛନ୍ତି ବିଜେଡି ମୁଖପାତ୍ର ଶ୍ରୀମତୀ ସୁଲତା ଦେଓ ।ଶ୍ରୀମତୀ ଦେଓ କହିଛନ୍ତି ଯେ, ଏହି ସମ୍ବେଦନଶୀଳ ମାମଲାରେ ପୁଲିସର ତଦନ୍ତ ଜାରି ରହିଛି । ଇତି ମଧ୍ୟରେ ମାମଲାରେ ଜଡିତ ଅଭିଯୋଗରେ ସରପଂଚଙ୍କ ସ୍ୱାମୀ ଗିରଫ ହୋଇଛନ୍ତି । ରାଜ୍ୟ ସରକାର ମାମଲାକୁ ଗୁରୁତ୍ୱର ସହ ନେଇ ତଦନ୍ତକୁ ଜୋରଦାର କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ତେଣୁ ତଦନ୍ତ ସରିବା ପର୍ଯ୍ୟନ୍ତ ବିରୋଧିଦଳ ଗୁଡିକୁ ଅପେକ୍ଷା କରିବା ଉଚିତ । ହେଲେ ଦଳୀୟ ସ୍ୱାର୍ଥ ଦୃଷ୍ଟିରୁ ସେମାନେ ଏବେ ମାମଲାକୁ ଅଧିକ ଗୋଳିଆ କରିବାରେ ଲାଗିଛନ୍ତି । ଏଥିଯୋଗୁଁ ତଦନ୍ତ ବାଟବଣା ହେବାରେ ଆଶଙ୍କା ବି ରହିଛି । ଜଣେ ମହିଳା କର୍ମଚାରୀଙ୍କ ମୃତ୍ୟୁ ଅତ୍ୟନ୍ତ ସ୍ପର୍ଶକାତର ଘଟଣା ହୋଇଥିବା ଏବଂ ଆତ୍ମୀୟଙ୍କୁ ହରାଇ ତାଙ୍କର ପରିବାର ଅତ୍ୟନ୍ତ ମାନସିକ ଚାପରେ ଥିବାଯୋଗୁଁ ଦଳ ମତ ନିର୍ବିଶେଷରେ ସମସ୍ତେ ଏହି ତଦନ୍ତକୁ ସହାୟତା କରିବା ଆବଶ୍ୟକ । ହେଲେ ତାହା ନକରି ବିଜେପି ଯେଉଁଳି ରାଜନୈତିକ ସ୍ୱାର୍ଥ ସାଧନ ଲାଗି ବିବୃତ୍ତିମାନ ଜାରି କରୁଛି ତାହା ଅତ୍ୟନ୍ତ ନିନ୍ଦନୀୟ । ତେଣୁ ମାମଲାର ତଦନ୍ତ ସରିବା ପର୍ଯ୍ୟନ୍ତ ବିଜେପି ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ଦେବାରୁ ନିବୃତ୍ତ ରହିବା ସହିତ ହୀନ ରାଜନୀତି ନ କରିବାକୁ ଶ୍ରୀମତୀ ଦେଓ ପରାମର୍ଶ ଦେଇଛନ୍ତି ।








# ଟି ଟାଇମ୍



## ଜୋକ୍ସ

ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତାକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିରେ ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ 'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ଟ ୟୁନିଭରସିଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଂଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାର୍ଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦ୍ରୁତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ କ୍ଲିନିକ ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।




# ମାନବ ସେବାରେ ଆକାଶବାଣୀ



ସଂବାଦ ପରିବେଷଣ ଏବଂ ଆହରଣ ନିମନ୍ତେ ତିନୋଟି ଗଣମାଧ୍ୟମ ଅଛି। ସେଗୁଡ଼ିକୁ ଆମେ ଦୃଶ୍ୟ, ଶ୍ରାବ୍ୟ ଏବଂ ଦୃଶ୍ୟ-ଶ୍ରାବ୍ୟ ମାଧ୍ୟମ ବୋଲି କହୁ। ଏବେକୁ ଇଲେକ୍ଟ୍ରୋନିକ୍ସ ମାଧ୍ୟମ ତତ୍‌କ୍ଷଣାତ୍ କାର୍ଯ୍ୟ କରୁଛି। ସଂପ୍ରତି ଏବେକୁ ଇଲୋକ୍ଟ୍ରୋନିକ୍ ମାଧ୍ ମଧ୍ୟ ତଥିକ୍ଷାଣିକ କାର୍ଯ୍ୟ କରୁଛି। ସଂପ୍ରତି ଅନ୍ୟାନ୍ୟ ଗଣ ମାଧ୍ୟମ ଅପେକ୍ଷା ଦୃଶ୍ୟ-ଶ୍ରାବ୍ୟ (ଦୂରଦର୍ଶନ) ଏବଂ ଶ୍ରାବ୍ୟ (ଆକାଶବାଣୀ) ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ତା' ତଳକୁ ଅଛନ୍ତି ପତ୍ର ପତ୍ରିକା ଇତ୍ୟାଦି। ତେବେ ଏକଥା ନିଶ୍ଚୟ କହିବୁ ଯେ ତୁରନ୍ତ ଏବଂ ସର୍ବକାଳୀନ କାର୍ଯ୍ୟକ୍ଷମ ନିମନେ ରେଡ଼ିଓ ବା ଆକାଶବାଣୀ ହିଁ ସର୍ବୋତ୍ତମ। ରେଡ଼ିଓ ପୃଥିବୀର ଯେତେ ବିସ୍ମୟ ଅଛି, ସେମାନଙ୍କ ମଧ୍ୟରେ ଅନ୍ୟତମ। ଏହା ମଣିଷର ସ୍ୱରକୁ ଦୂରକୁ ବିନାତାରରେ ଆକାଶର ମାଧ୍ୟମରେ ପଠାଇଥାଏ। ଏହା କୌଣସି ସ୍ଥାନରୁ ବାର୍ତ୍ତାକୁ ପୃଥିବୀର ଯେ କୌଣସି ସ୍ଥାନକୁ ପ୍ରେରଣ କରିବାରେ ମାତ୍ର ୩ମିନିଟ୍ ସମୟ ନିଏ। ରେଡ଼ିଓ ଉଦ୍‌ଭାବନକୁ ହେଉଛନ୍ତି ମାର୍କୋନିଡେସ୍ ତାଙ୍କର ଉଭାବନ ମାଧ୍ୟମରେ ପୃଥିବୀବାସୀଙ୍କୁ ନିକଟରୁ ନିକଟତର କରି ପାରିଛନ୍ତି। ରେଡ଼ିଓ ସର୍ବତ୍ର ଯଥା ସହର ଓ ମଫସଲର ଘରେ ଘରେ ବଜାରଘାଟରେ, ଜାହାଜ ବା ଉଡ଼ାଜାହଜରେ ଯୁଦ୍ଧ ବା ଶାନ୍ତି କ୍ଷେତ୍ରରେ ବିପଦ କି ଆପଦବେଳେ ସହାୟତା କ୍ଷେତ୍ରରେ, ରେଳ ଚଳାଚଳ ତଥା ବ୍ୟକ୍ତିଗତ ବା ସାମୁହିକ କ୍ଷେତ୍ରରେ ବାର୍ତ୍ତାର ପ୍ରେରଣ ଓ ଶ୍ରବଣ ପାଇଁ ବ୍ୟବହୃତ ହୁଏ। ଏହା ଏକ ବିଦ୍ୟୁତ୍ ମାଧ୍ୟମ ଯନ୍ତ୍ର ହୋଇନଥିବା ହେତୁ, ସବୁ ସମୟରେ ଏବଂ ସର୍ବତ୍ର କାର୍ଯ୍ୟକ୍ଷମ ହେତୁ ଏହା ଦୂରଦର୍ଶନ ଏବଂ ଅନ୍ୟାନ୍ୟ ଗଣମାଧ୍ୟମ କାର୍ଯ୍ୟକ୍ଷମ ହେତୁ ଏହା ଦୂରଦର୍ଶନ ଏବଂ ଅନ୍ୟାନ୍ୟ ଗଣମାଧ୍ୟମ ଦୃଷ୍ଟିରୁ ଅଧିକ ନିର୍ଭରଶୀଳ। ଦୂରଦର୍ଶନ ପରି କେବଳ ଦୃଶ୍ୟମାନ କାର୍ଯ୍ୟକ୍ରମକୁ ଛାଡ଼ିଦେଲେ ବାକି ସମସ୍ତ ତଥ୍ୟ ଯଥା: ସଂବାଦ, ବିତ୍ତବିନୋଦନ ବ୍ୟବସ୍ଥାରେ ନାଟକ ସଚରୀତ, ଗୀତ, ଆଲୋଚନାରେ ମତାମତ, ସମସ୍ତ ଘଟଣା, ଘୋଷଣା, ନିଯୁକ୍ତି ସଂପର୍କିତ ତଥ୍ୟ, ପାଣିପାଗ, ବାତ୍ୟା, ବନ୍ୟା, ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଯୁଦ୍ଧ, ଶାନ୍ତି, ଶିକ୍ଷା ଇତ୍ୟାଦିରେ ବାର୍ତ୍ତା ପାଉ। ଏତିକି କହିଲେ ଯଥେଷ୍ଟ ହେବ ଯେ କେବଳ ଦୂରଦର୍ଶନ ଛବିକୁ ବାଦଦେଲେ ବାକିସବୁ ପାଇଥାଉ। ଏତିକି କହିଲେ ଠିକ୍ ହେବ ଯେ ଦୂରଦର୍ଶନରେ ଆମେ ପୂର୍ଣ୍ଣ ସ୍ୱାଦପାଇ ନଥାଉ କାରଣ ଏହା ବିଦ୍ୟୁତ୍ ବା ସେମିତି କିଛି ଉପାୟ ଉପରେ ନିର୍ଭରଶୀଳ। ଯେଉଁ ମୁହୂର୍ତ୍ତରେ ତାହା କଟିଯାଏ, ସେଇଠି ହେଲା ବ୍ୟତିକ୍ରମ। ମାତ୍ର ସେ ପୂର୍ଣ୍ଣସ୍ୱାଦ ଦିଏ ଆକାଶବାଣୀ। ଆକାଶବାଣୀ ହିଁ ଗରିବ ଲୋକର ସାଥୀ। ମାତ୍ର ଘରେ ବା ପାଖରେ ଟ୍ରାଞ୍ଜିଷ୍ଟର ସେଟଟିଏ ଥିଲେ ଏବଂ ବ୍ୟାଟେରୀର ଅଭାବ ନଥିଲେ ଏହା ଏକ ନନ୍‌ଷ୍ଟପ ବା ସର୍ବକାଳୀନ ଯନ୍ତ୍ର, ରେଡ଼ିଓର ଏକ ସ୍ଥାନିକ ବ୍ୟବସ୍ଥା ଅଛି। ବାର୍ତ୍ତା ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ପ୍ରେରଣ ପାଇଁ ଉଚ୍ଚଶକ୍ତି ସଂପନ୍ନ ଆକାଶବାଣୀ ସଂସ୍ଥାନ ଅଛି। ଏମିତିରେ ଗୋଟିଏ ଦେଶରେ ଏକାଧିକ ସଂସ୍ଥାନ ବି ପ୍ରତିଷ୍ଠା ହୋଇଛି। ବିଭିନ୍ନ ଦେଶରେ ଏହାର ନାମ କରଣ ଭିନ୍ନଭିନ୍ନ। ଭାରତରେ ଏହାକୁ ଅଲ-ଇଣ୍ଡିଆ -ରେଡ଼ିଓ ବା' ଆକାଶବାଣୀ ଭାରତ କହିଲାବେଳେ, ପାକିସ୍ତାନରେ ଏହାର ନାମ, ରେଡ଼ିଓ ପାକିସ୍ଥାନ ଏବଂ ଗ୍ରେଟ୍ ବ୍ରିଟେନ୍‌ରେ କୁହନ୍ତି ବି.ବି.ସି. ବା ବ୍ରିଟିଶ ବ୍ରଡ଼କାଷ୍ଟିଙ୍ଗ୍ କର୍ପୋରେସନ। ଦୁଃଖ ଯେ ଦୂରଦର୍ଶନ ଆବିଷ୍କାର ଫଳରେ ଏବେ ରେଡ଼ିଓ ପ୍ରତି ଆନ୍ତରିକ ଆଗ୍ରହ ନାହିଁ। ବଜାରରେ ବିକ୍ରିପାଇଁ ଟିଭିର କାଟତି ଅଛି। ରେଡ଼ିଓ ଦୋକାନ ବନ୍ଦ। ତେବେ ସମୟ ଆସୁଛି, ଯେତେବେଳେ ଟି.ଭି.କୁ ଲୋକେ ପଚାରିବେ ନାହିଁ। ସେତେବେଳେ ରେଡ଼ିଓ ଟ୍ରାଞ୍ଜିଷ୍ଟରରେ ଦୃଶ୍ୟ ଦେଖିବାର ବ୍ୟବସ୍ଥା ହୋଇ ଯାଇଥିବ। ମୋବାଇଲ ବା ପକେଟ ରେଡ଼ିଓଟି ଦୃଶ୍ୟ-ଶ୍ରାବ୍ୟ ପାଲଟି ଯାଇଥିବ। ଏଣୁ ଏହା ସତ୍ୟ ବୋଲି ଅନୁମତି ହୁଏ ଯେ ମାନବସେବାରେ ଏହାକୁ ସର୍ବୋତ୍ତମ ଏହା ତା' ସ୍ଥାନ।

**ବିପିନବିହାରୀ ମହାନ୍ତି**, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ : ୯୯୩୮୩୪୪୧୩୮

## ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ପରିଦର୍ଶନ ଓ କାର୍ଯ୍ୟାନୁଷ୍ଠାନ ଯଥାର୍ଥ

ଭୁବନେଶ୍ୱର (ପିଏନ୍): ଓଡ଼ିଶା ସରକାରଙ୍କ ୫-ଟି ସଚିବ ଶ୍ରୀ ଭି.କେ. ପାଣ୍ଡିଆନଙ୍କ ବିଭିନ୍ନ ହସ୍ପିଟାଲ ପରିଦର୍ଶନ ଓ ତତ୍କାଳ କାର୍ଯ୍ୟାନୁଷ୍ଠାନକୁ ଇଣ୍ଡିଆନ୍ ସିଟିଜେନ୍ସ୍ ପାର୍ଟି ସ୍ୱାଗତ କରିବା ସହିତ ଯଥାର୍ଥ ବୋଲି ଅଭିହିତ କରାଯାଇଛି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ କାର୍ଯ୍ୟରତ ପ୍ରଶାସକମାନଙ୍କ ମଧ୍ୟରେ ଜଣେ ସର୍ବଶ୍ରେଷ୍ଠ ପ୍ରଶାସକ ଭାବେ ଶ୍ରୀ ଭି.କେ. ପାଣ୍ଡିଆନଙ୍କୁ ଓଡ଼ିଶାବାସୀ ଗ୍ରହଣ କରିଛନ୍ତି।

ଇଣ୍ଡିଆନ୍ ସିଟିଜେନ୍ସ୍ ପାର୍ଟି ବିଜୁ ଜନତା ଦଳ ସରକାରର ପ୍ରାୟ ସମସ୍ତ କାର୍ଯ୍ୟକ୍ରମକୁ ସମାଲୋଚନା ଓ ବିରୋଧ କରେ କିନ୍ତୁ ୫-ଟି କାର୍ଯ୍ୟକ୍ରମକୁ ଇଣ୍ଡିଆନ୍ ସିଟିଜେନ୍ସ୍ ପାର୍ଟି ସମର୍ଥନ କରୁଛି ବୋଲି ସଭାପତି ଆଡ଼ଭୋକେଟ ରମେଶ ଚନ୍ଦ୍ର ରାଉତ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି। ଶ୍ରୀ ଭି.କେ. ପାଣ୍ଡିଆନ ଜଣେ ବିଚକ୍ଷଣ ରାଜନୈତିକ ଧୀଶକ୍ତିସମ୍ପନ୍ନ ସର୍ବଶ୍ରେଷ୍ଠ ପ୍ରଶାସକ ବୋଲି ଇଣ୍ଡିଆନ୍ ସିଟିଜେନ୍ସ୍ ପାର୍ଟି ସଭାପତି ରମେଶ ଚନ୍ଦ୍ର ରାଉତ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି।

ଓଡ଼ିଶା ସରକାର ଶ୍ରୀ ପାଣ୍ଡିଆନଙ୍କୁ ଅଧିକ କ୍ଷମତା ଓ ସ୍ୱାଧୀନତା ଦେଲେ ଓଡ଼ିଶା ଏକ ସର୍ବଶ୍ରେଷ୍ଠ ରାଜ୍ୟରେ ପରିଣତ ହୋଇପାରିବ ବୋଲି ଶ୍ରୀ ରାଉତ କହିଛନ୍ତି।

# ରକ୍ତଜନିତ ରୋଗ ହେମୋଫିଲିଆ



ହେମୋଫିଲିଆ ହେଉଛି ଏକ ରକ୍ତଜନିତ ରୋଗ। ଗ୍ରୀକ୍ ଶବ୍ଦ ହାମିଆ ଓ ଫିଲିଆକୁ ନେଇ ଗଠିତ ହୋଇଛି ହେମୋଫିଲିଆ। ହେମିଆ ଅର୍ଥ ବ୍ଲଡ଼ ବା ରକ୍ତ ଏବଂ ଫିଲିଆ ଅର୍ଥ ଫ୍ରେଣ୍ଡ ବା ବନ୍ଧୁ। ଏହି ରୋଗ ହେଲେ ରକ୍ତ ସହଜରେ ଜମାଟ ବାନ୍ଧିନଥାଏ। କାରଣ ହେମୋଫିଲିଆରେ ଜଣେ ଆକ୍ରାନ୍ତ ହେଲେ ରକ୍ତ ଜମାଟ ବାନ୍ଧିବା ପାଇଁ ଆବଶ୍ୟକ ହେଉଥିବା ପ୍ରୋଟିନ୍ କ୍ଷରଣ ବାଧାପ୍ରାପ୍ତ ହୋଇଥାଏ। କେତେକ କ୍ଷେତ୍ରରେ ଦେଖାଯାଏ ଏପରିକି ନବଜାତକ ପିଲାଟି ଜନ୍ମ ହେବା ବେଳେ ନାହିରୁ ରକ୍ତ କ୍ରମାଗତ ବାହାରିଥାଏ। ଏହା ହେମୋଫିଲିଆର ପ୍ରଧାନ ଲକ୍ଷଣ। ଏ କ୍ଷେତ୍ରରେ ଜଣଙ୍କର ରକ୍ତ ପରୀକ୍ଷାରୁ ସବିଶେଷ ଜଣାପଡ଼ିବା ପରେ ଫ୍ୟାକ୍ଟର-୮ ବା ଫ୍ୟାକ୍ଟର-୯ ଚିକିତ୍ସା ପଦ୍ଧତି ଗ୍ରହଣ କରାଯାଏ। ଅନେକ ମୁମୂର୍ଷୁ ରୋଗୀ ମାନଙ୍କୁ ରକ୍ତ ଦେବାକୁ ପଡ଼ିଥାଏ। ବେଳେବେଳେ କୌଣସି ସ୍ଥାନରେ ଆଘାତ ହେଲେ ସେହି ସ୍ଥାନର ଭିତର ଭାଗରେ ରକ୍ତ କ୍ଷରଣ ହୋଇଥାଏ କିନ୍ତୁ ହେମୋଫିଲିଆ ହୋଇଥିଲେ ଏହି ରକ୍ତ ଜମାଟ ବାନ୍ଧିନଥାଏ। ସାଧାରଣତଃ ହିମୋଫିଲିଆକୁ ତିନି ଭାଗରେ ବିଭକ୍ତ କରାଯାଇଛି। ଯଥା ହେମୋଫିଲିଆ-ଏ, ହେମୋଫିଲିଆ-ବି ଓ ସି। ବର୍ତ୍ତମାନ ଦେଖାଯାଉଥିବା ହେମୋଫିଲିଆ ରୋଗୀଙ୍କ ମଧ୍ୟରେ ପ୍ରାୟ ୭୦ ଭାଗ ଟାଇପ୍-ଏ ବର୍ଗର। ରକ୍ତରେ 'ଥ୍ରୋମ୍ବୋପ୍ଲାଷ୍ଟିନ୍' ନାମକ ଉପାଦନ କମ୍ ହେଲେ ହିମୋଫିଲିଆ ବା ରକ୍ତସ୍ରାବ ନାମକ ରୋଗ ହୋଇଥାଏ । ଏହା ଏକ ଆନୁବଂଶିକ ରୋଗ। ଏହି ରୋଗର ଶିକାର ହେଉଥିବା ରୋଗୀ ଶରୀରର ବାହ୍ୟ ଅଂଶରେ ରକ୍ତ ବାହାରିଲେ ତାହା ସହଜରେ ଜମାଟ ବାନ୍ଧି ନଥାଏ । ଫଳରେ ରୋଗୀ ଶରୀରରେ ଥରେ କ୍ଷତ କିମ୍ବା ଚୋଟ ସୃଷ୍ଟି ହେଲେ ରକ୍ତସ୍ରାବ କମିନଥାଏ । ଏହାଦ୍ୱାରା ରୋଗୀ ରକ୍ତ ହରାଇ ଦୁର୍ବଳ ହୋଇପଡ଼ିଥାଏ । ଶରୀରରେ ନୀଳ ଦାଗ ଦେଖାଦେବା, ନାକ ଓ ଆଖିରୁ ରକ୍ତ ବାହାରିବା ଏହି ରୋଗର ଲକ୍ଷଣ। ଅନେକ ହୁଏତ ଜାଣିନାହାଁନ୍ତି ହେମୋଫିଲିଆ ଏକ ମାରାତ୍ମକ ରୋଗ। ଚିକିତ୍ସା ବିଜ୍ଞାନରେ ଯଥେଷ୍ଟ ଉନ୍ନତି ଘଟିଥିଲେ ମଧ୍ୟ ଅନେକ କ୍ଷେତ୍ରରେ ଏହି ରକ୍ତଜନିତ ରୋଗରେ ଜଣେ ପୀଡ଼ିତ ହୋଇ ସଠିକ୍ ଚିକିତ୍ସାରୁ ବଞ୍ଚିତ ହୋଇଥାନ୍ତି। ଆଉ ଏହା ପାଇଁ ଦାୟୀ ହେଉଛି ସଚେତନତା। ହେମୋଫିଲିଆ ପରି ରୋଗରୁ ଉପଶମ ପାଇବା ଲାଗି ଏହାର ଠିକ୍ ଉପାୟରେ ଚିକିତ୍ସା କରାଯିବା ଦରକାର। ୱାର୍ଲଡ଼ ଫେଡ଼େରେସନ ଅଫ ହେମୋଫିଲିଆ ପକ୍ଷରୁ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ୧୯୮୯ରେ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା। ସେହିଦିନଠାରୁ ପ୍ରତିବର୍ଷ ଅପ୍ରେଲ ସତରରେ ବିଶ୍ୱ ହେମୋଫିଲିଆ ଦିବସ ପାଳିତ ହୋଇଆସୁଅଛି। କିନ୍ତୁ ଏପରି ଦିନରେ ଉକ୍ତ ଦିବସ ପାଳିତ ହେବାପଛରେ ଏହାର ତାତ୍ପର୍ଯ୍ୟତା ରହିଛି। ଅପ୍ରେଲ ସତର ହେଉଛି ୱାର୍ଲଡ଼ ଫେଡ଼େରେସନ ଅଫ୍ ହେମୋଫିଲିଆର ପ୍ରତିଷ୍ଠାତା ଫ୍ରାଙ୍କ ସ୍ନାବେଲଙ୍କ ଜନ୍ମଦିନ। ସମଗ୍ର ବିଶ୍ୱରେ ବିଶେଷକରି ପିଲାମାନଙ୍କ ଠାରେ ଏପରି ରୋଗର ଭୟାବହତାକୁ ପ୍ରତିହତ କରିବା ପାଇଁ ଉଦ୍ୟମ କରିଥିଲେ ଫ୍ରାଙ୍କ୍ ସ୍ନାବେଲ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ପ୍ରକାଶିତ ରିପୋର୍ଟ ଅନୁଯାୟୀ ପାଖାପାଖି ୮୦ପ୍ରତିଶତ ହେମୋଫିଲିଆରୁ ରୋଗୀ ସଠିକ୍ ଓ ଉପଯୁକ୍ତ ଚିକିତ୍ସା ପାଇପାରି ନ ଥାନ୍ତି। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଜନସଚେତନତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ରୋଗରେ ପ୍ରାୟ ପୁରୁଷମାନେ ଆକ୍ରାନ୍ତ ହେବାର ଦେଖିବାକୁ ମିଳିଥାଏ। ଏହାକୁ ଏକ ବଂଶଗତ ରୋଗ କହିଲେ ଅତ୍ୟୁକ୍ତି ହେବନାହିଁ। ସାଧାରଣତଃ ଦେଖିବାକୁ ଗଲେ ମହିଳାଙ୍କ ଠାରେ ଏହି ରୋଗ ପ୍ରାୟ ହୁଏନାହିଁ। ଯଦି କୌଣସି ମହିଳାଙ୍କ ପରିବାରରେ କିମ୍ବା ତାଙ୍କ ମାମୁ ଘରେ କାହାକୁ ଏହି ରୋଗ ହୋଇଥାଏ ତେବେ ତାଙ୍କୁ ହେବାର ଆଶଙ୍କା ରହିଛି। ହିମୋଫିଲିଆ ହେବା ଦ୍ୱାରା କୌଣସି ସ୍ଥାନରେ ଯଦି ଖଣ୍ଡିଆ ହୋଇଯାଏ ତେବେ ସେଠାରୁ ଅନବରତ ରକ୍ତସ୍ରାବ ହୋଇଥାଏ ସମ୍ପୃକ୍ତ ବ୍ୟକ୍ତି ଯଦି ଏହି ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥାନ୍ତି ତେବେ ତାଙ୍କ ରକ୍ତ ଜମାଟ ବାନ୍ଧେ ନାହିଁ। ସଂପ୍ରତି ସମାଜରେ ଏହାର ଭୟାବହତା ଦେଖା ଦେଇଥିବାବେଳେ ଜନସଚେତନତାକୁ ଗୁରୁତ୍ୱ ଦିଆଯାଇଛି। ଶିକ୍ଷିତ ବ୍ୟକ୍ତିମାନେ ଏ ବିଷୟରେ ଅଳ୍ପ ବହୁତ ଜାଣିଥିବାବେଳେ ଅନେକ ଏହାର କାରଣ ଓ ସଚେତନତା ସମ୍ପର୍କରେ ଜାଣିନଥାନ୍ତି। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସଂପ୍ରତି ଏହାର ଦୃଢ଼ ମୁକାବିଲା ପାଇଁ ସଚେତନତା ସହ ରାଜ୍ୟର ବଡ଼ଡାକ୍ତରଖାନା, ଜିଲ୍ଲା ଡାକ୍ତରଖାନା ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରୀକ୍ଷା ନିରୀକ୍ଷା ଓ ମାଗଣା ଔଷଧ ପ୍ରଦାନର ପର୍ଯ୍ୟାପ୍ତ ବ୍ୟବସ୍ଥା ରଖିଛନ୍ତି। ଏ ରୋଗର ଶିକାର ହୋଇଥିବା ଜଣେ ରୋଗୀ ଏ ନେଇ କୌଣସି ଭୟଭୀତ ହେବାର କାରଣ ନାହିଁ। ପ୍ରଥମରୁ ହିଁ ବିଶେଷଜ୍ଞଙ୍କ ପରାମର୍ଶ ନେଲେ ଏହା ପରବର୍ତ୍ତୀ ସମୟରେ ରୋଗଟି ଆୟତ୍ତାଧୀନ ହୋଇପାରିବ। ନିକଅତୀତଟରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ହେମାଟୋଲୋଜି ବିଭାଗ ତରଫରୁ ହେମୋଫିଲିଆ ରୋଗୀଙ୍କ ପାଇଁ ଦିବସବ୍ୟାପୀ ଆଲୋଚନାଚକ୍ର ଓ ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତର ହେମୋଫିଲିଆ ଫେଡେରେସନର ଜାତୀୟ ସଭାପତି ବିକାଶ ଚନ୍ଦ୍ର ଗୋଏଲ ଓ ଉପସଭାପତି ମୁକେଶ ଗରୋଡିଆ, ରାଜ୍ୟ ହେମୋଫିଲିଆ ସୋସାଇଟି ପକ୍ଷରୁ ଚିତ୍ତରଞ୍ଜନ ଦାସ ପ୍ରମୁଖ ଯୋଗ ଦେବା ସହ ଏହି ଅବସରରେ ହେମୋଫିଲିଆ ରୋଗୀଙ୍କ ଘରେ ଚିକିତ୍ସା (ହୋମ ଟ୍ରିଟମେଣ୍ଟ) ଉପରେ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏହି ଚିକିତ୍ସା ବିଷୟରେ ଆଲୋକପାତ କରିଥିଲେ ବିକାଶ ଚନ୍ଦ୍ର ଗୋଏଲ, ମୁକେଶ ଗରୋଡ଼ିଆ ଓ ରକ୍ତ ବିଭାଗର ବିଶିଷ୍ଟ ଚିକିତ୍ସକ ଡାକ୍ତର ନରେଶ ପଟ୍ଟନାୟକ, ଡାକ୍ତର ରାଜୀବ ନାୟକ ପ୍ରମୁଖ। ଓଡ଼ିଶା ହେଉଛି ସମଗ୍ର ଭାରତ ବର୍ଷ ଭିତରେ ପ୍ରଥମ ରାଜ୍ୟ ଯେଉଁଠାରେ କି ହେମୋଫିଲିଆ ରୋଗର ହୋମ ଟ୍ରିଟ୍‌ମେଣ୍ଟକୁ ଓଡ଼ିଶା ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ଓଡ଼ିଶା ମଡ଼େଲକୁ ସର୍ବଭାରତୀୟ ସ୍ତରରେ ଉପସ୍ଥାପନ କରିବା ପାଇଁ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ରକ୍ତ ରୋଗ ବିଭାଗର ସହକାରୀ ପ୍ରଫେସର ଡାକ୍ତର ରାଜୀବ ନାୟକ ନୂଆଦିଲ୍ଲୀ ଠାରେ ଏକ ସର୍ବଭାରତୀୟ ସମ୍ମିଳନୀରେ ଉପସ୍ଥାପନ କରିଥିଲେ। ଚିକିତ୍ସାବେଳେ ରୋଗୀଟିକୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ ଏବଂ ସଫାସୁତୁରା ପରିବେଶରେ ରହିବା ପାଇଁ ପରାମର୍ଶ ଦିଅନ୍ତୁ। ଠିକ୍ ସମୟରେ ବିଶେଷଜ୍ଞଙ୍କ ପରାମର୍ଶରେ ଔଷଧ ଖାଇବା ସହ ବିଶ୍ରାମ ନେଲେ ହେମୋଫିଲିଆକୁ ନେଇ ଆଉ କୌଣସି ଡର ରହିବ ନାହିଁ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭


## DISPLAY CLASSIFIED

**FOR ADVERTISEMENT CONTACT**
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

**TARIFF:** 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

DKB'S CONCEPTUAL CHEMISTRY
Behind SC/ST Hostel College Campus, Bhadrak, Cell : 9337612220
*A complete Chemistry point for funding fundamentals.*
Contact for Coaching in +2 Science, CBSE, OJEE (E&M), AIPMT & AIEEE

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Gyandeep
THE CRECHE

Phagun Communication


# ବେଆଇନ ମୋରମ ଖନନ ଓ ଚାଲାଣରେ ସଂପୃକ୍ତ ୫ଟି ହାଇୱା ଓ ହିଟାଚିକୁ ଛାଡିବାକୁ ଚାପ



ବ୍ୟାସନଗର (ପି.ଏନ): ଯାଜପୁର ଜିଲ୍ଲାର କୋରାଇ ଥାନା ଅନ୍ତର୍ଗତ କୋରାବନ୍ଧି ସରଂକ୍ଷିତ ଜଂଗଲ ଜମିରୁ ବେଆଇନ ଭାବେ ମୋରମ ଚାଲାଣ ହେଉଥିବାର କୌଣସି ସୂତ୍ରରୁ ଖବର ପାଇ ଯାଜପୁରରୋଡ ବନ ବିଭାଗ ସଦଳବଳେ ଚଢ଼ଉ କରି ସେଠାରେ ମୋରମ ଲୋଡ୍ କରିଥିବା ୫ଟି ହାଇୱା ଓ ୧ଟି ପ୍ରୋକଲିନ ମେସିନକୁ ଜବତ କରିଥିଲେ। ୨ଟି ହାଇୱା ଲୋଡିଂ ନେବା ପାଇଁ ଅପେକ୍ଷାରତ ଥିଲା। ପରେ ସେ ୨ଟିକୁ ଛାଡି ଦିଆଯାଇଥିବାର ଜଣାଯାଇଛି।

ଜଂଗଲ ବିଭାଗର ଏହି ଅତର୍କିତ ଚଢ଼ଉରେ ଛାନିଆ ହୋଇ ଗାଡିଚାଳକମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଜଂଗଲ ବିଭାଗ ଦୁଇଜଣକୁ ଅଟକ ରଖି ପଚରାଉଚୁରା କରୁଛି। ଅପରପକ୍ଷରେ ମୋରମ ଖନନରେ ବ୍ୟବହୃତ ଦେଢ଼କୋଟିରୁ ଉର୍ଦ୍ଧ ମୂଲ୍ୟର ପ୍ରୋକଲିନ ଓ ପ୍ରତ୍ୟେକ ୪୦ଲକ୍ଷରୁ ଉର୍ଦ୍ଧ ଟଙ୍କାର ୫ଟି ହାଇୱାକୁ ଛାଡିଦେବା ପାଇଁ ବନ ବିଭାଗ ଉପରେ ପ୍ରବଳ ଚାପ ପଡିଥିବାର କୁହାଯାଉଛି। ଏନ.ଏଚ.ଏ.ଆଇ ତରଫରୁ ଗାଡିଗୁଡିକୁ ଛାଡି ଦେବା ପାଇଁ ଚାପ ପଡିଛି। ଏପରିକି ଜିଲ୍ଲା ପ୍ରଶାସନର ମୁଖିଆମାନଙ୍କ ସହ ଜିଲ୍ଲାର ୩-୪ଜଣ ଶାସକଦଳର ବିଧାୟକ ଗାଡିଗୁଡିକୁ ଛାଡି ଦେବା ପାଇଁ କଟକ ଡି.ଏଫ.ଓ ପାଖରେ ଚାପ ପ୍ରୟୋଗ କରିଥିବାର ଜଣାଯାଇଛି। ବେଆଇନ କାର୍ଯ୍ୟରେ ଲିପ୍ତ ଏହି ଗାଡିଗୁଡିକୁ ଛାଡି ଦେବା ପାଇଁ ଆଶ୍ଚର୍ଯ୍ୟଜନକ ଭାବେ ୩ୟ ମହଲାରୁ ମଧ୍ୟ କୁଆଡେ ଚାପ ପଡିଛି। ଫଳରେ ଡି.ଏଫ.ଓ ଜରିମାନା ଆଦାୟ କରି ଗାଡିଗୁଡିକୁ ଛାଡି ଦେବାର ଆଭାସ ମିଳିଛି।

ଯେଉଁ ସରକାର ୨୫ ହଜାରରେ ପୁରୁଣା ଅଟୋ ରିକ୍‌ସା କିଣି ସଂସାର ଚଳାଇବାକୁ ଆଶା ରଖିଥିବା ବ୍ୟକ୍ତିଙ୍କୁ ୪୩ ଟଙ୍କାର ଜରିମାନା କରିପାରୁଛିଛି, ନଈବନ୍ଧକୁ ବିନା ହେଲମେଟରେ ଝାଡା ଯାଉଥିବା ବେଳେ ହରକତ କରୁଛି, ରାଜ୍ୟରେ ୫-ଟି ପ୍ରଣୟନ କରି ସବୁ କ୍ଷେତ୍ରରେ ସ୍ୱଚ୍ଛତା ଆଣିବାର ଡିଣ୍ଡିମ ପିଟୁଛି ସେଭଳି ସରକାରୀ କଳ ଏହି ଘଟଣାରେ ମାଫିଆମାନଙ୍କୁ ଖସାଇ ଦେବାର ବ୍ୟବସ୍ଥା କରି ନିଜର ଅସଲ ଚେହେରାର ପରିଚୟ ଦେଇଛନ୍ତି ବୋଲି ସାମାଜିକ କର୍ମୀ ତଥା ପରିବେଶବିଦ୍ ଦୁଷ୍ମନ୍ତ କୁମାର ରାଉତ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ଏହି ମାଫିଆମାନେ ପାଣିକୋଇଲି-ରାଜାମୁଣ୍ଡା ରାଜପଥ ନିର୍ମାଣରେ ଏହି ଅଂଚଳରୁ ବ୍ୟାପକ ମୋରମ ତାଡି ପ୍ରକୃତିକୁ ଖିନ୍‌ଭିନ୍ କରି 'ଗାୟତ୍ରୀ' ସଂସ୍ଥାକୁ ଲକ୍ଷ ଲକ୍ଷ ଟ୍ରିପ ମୋରମ ଯୋଗାଇ ଦେଇ ମାଲେମାଲ ହୋଇ ଅତୀତରେ ମଧ୍ୟ ଧରାପଡିଛନ୍ତି। ଏବେ ୫ନଂ. ଜାତୀୟ ରାଜପଥର ଚଣ୍ଡିଖୋଲ-ଭଦ୍ରଖ ମଧ୍ୟରେ ରାସ୍ତା ସମ୍ପ୍ରସାରଣ କରାଯାଉଛି। ଏଥିରେ ଲକ୍ଷ ଲକ୍ଷ ଟ୍ରିପ ମୋରମ ମଧ୍ୟ ଲାଗୁଛି। ଏହି ଅଂଚଳରୁ ମୋରମ ନେଇ ସାହାପୁର କ୍ୟାମ୍ପ ଅଧିନସ୍ଥ ପାଣିକୋଇଲି-ଷଠିପୁର ମଧ୍ୟରେ ଏବେ ମୋରମ ପକାଯାଉଛି। ଏ ଖବର ପାଇ ଜଂଗଲ ବିଭାଗ ଚଢ଼ଉ କରି ସରଂକ୍ଷିତ ଜଂଗଲ ଇଲାକାରେ ଖନନରତ ପ୍ରୋକ୍‌ଲିନ ଓ ଲୋଡିଂ ନେଇଥିବା ହାଇୱାଗୁଡ଼ିକୁ ଜବତ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ରାଜସ୍ୱ ବିଭାଗ ପାଖରେ ମୋରମ ଉତ୍ତୋଳନ ପାଇଁ ଆବେଦନପତ୍ର ପଡିରହିଛି। ଅନୁମତି ପତ୍ର ନ ମିଳିଥିବା ବେଳେ ଏକ ପ୍ରକାରର ପ୍ରଶାସନର ଅଦୃଶ୍ୟ ନିର୍ଦ୍ଦେଶ ଥିଲା। ଯାହାକୁ ଆଳ କରି ଜନସାଧାରଣଙ୍କୁ ଅନୁମତି ଥିବାର ହାଲ୍ଲା କରି ମାଫିଆମାନେ ବେପରୁଆ ଭାବେ ମୋରମ ତାଡୁଥିଲେ। ଯାହାକି ଏହି ଘଟଣାରୁ ସ୍ପଷ୍ଟ ଅନୁମେୟ।

ଗତ ତିନିଦିନ ହେଲା ଗାଡିଗୁଡିକ ଜବତ ହୋଇଥିଲେହେଁ ନା ଅନୁମତିପତ୍ର ନା ଆର-ଫର୍ମ ଜଂଗଲ ବିଭାଗକୁ ଦେଇ ପାରୁଛନ୍ତି ଉତ୍ତୋଳନକାରୀ ଓ ଗାଡିମାଲିକମାନେ। ଏପରିକି, ଗୋଟିଏ ଜାଗା ପାଇଁ ଅନୁମତି ଆଣି ଆଉ ଗୋଟିଏ ଜାଗାରେ ମୋରମ ତାଡୁଥିବାର ବହୁ ନଜିର ରହିଛି। ଯେତେବେଳେ ସରକାରୀ ବିଭାଗ ଏ ପ୍ରସଙ୍ଗକୁ ଅଣଦେଖା କରି ଚାଲିଛି ସେତେବେଳେ ଅନ୍ୟମାନେ ଏ ବିଷୟରେ ସୁରାକ ପାଇବା ମୁସ୍କିଲ। ଏହାଛଡା ସରଂକ୍ଷିତ ଜଂଗଲ (ଡି.ପି.ଏଫ) ଅଂଚଳରେ କୌଣସି ପରିସ୍ଥିତିରେ ଅନୁମତି ମିଳିବାର ବ୍ୟବସ୍ଥା ନ ଥିବା ବେଳେ ଏହି ଅଂଚଳରେ ମୋରମ ଗଚ୍ଛିତ ଅଛି।

ତେଣୁ ଏହି ଅଂଚଳରୁ ମୋରମ ତାଡିବାରେ ମାଫିଆମାନଙ୍କ ଲୋଲୁପ ଦୃଷ୍ଟି ରହିଛି। ସବୁ ଜାଣିଶୁଣି ବି ଏଠି ନିୟମକାନୁନକୁ ଜଳାଂଜଳି ଦେଇଛି ଜିଲ୍ଲା ପ୍ରଶାସନ। ଏବେ ସମୂହ ସ୍ୱାର୍ଥ ଦୃଷ୍ଟିରୁ ଗାଡିଗୁଡିକୁ ଛାଡି ଦେବା ପାଇଁ କୁହାଯାଉଛି। ଇଏ କି ପ୍ରକାରର ସମୂହ ସ୍ୱାର୍ଥ ବୁଝାପଡୁନି। ଅନୈତିକ କାମରେ ଲିପ୍ତ ଗାଡିଗୁଡିକୁ ଛାଡି ଦେବା କି ପ୍ରକାରର ନ୍ୟାୟ ବୋଲି ଶ୍ରୀ ରାଉତ ପ୍ରଶ୍ନ କରିଛନ୍ତି! ଏହିପରି ଭାବେ ଧର୍ମଶାଳା ଓ କଳିଙ୍ଗନଗର ଅଂଚଳରୁ ମୂଲ୍ୟବାନ ଲକ୍ଷ ଲକ୍ଷ ଟ୍ରିପ୍ ଚିପ୍ସ, ବଜୁରୀ ଧାମରା ପୋର୍ଟ ଅଂଚଳକୁ ଅତୀତରେ ବୋହି ନେଇଛନ୍ତି ଓ ସେମାନଙ୍କୁ ଧରିବାକୁ ଯାଇ ଯାଜପୁରର ଏମ.ଭି.ଆଇ. ଅତୀତରେ ପ୍ରାଣବଳି ଦେଇଛନ୍ତି। ଲଘୁ ଖଣିଜ ପଦାର୍ଥ ଚୋରୀରେ ଯାଜପୁର ଜିଲ୍ଲା ସର୍ବକାଳୀନ ରେକର୍ଡ କରିଥିବା ବେଳେ ମାଫିଆମାନେ ଓ ଏମାନଙ୍କୁ ସୁରକ୍ଷା ଯୋଗାଇଥିବା ନେତା ଓ ଅଧିକାରୀମାନେ କୋଟି କୋଟି ଟଙ୍କା କମାଇ ଚାଲିଥିବା ବେଳେ ସାଧାରଣ ଲୋକଟିଏ ଘର ତିଆରି କରିବାକୁ ଚିପ୍ସ, ବଜୁରୀ, ମୋରମ, ମେଂଟାଲ, ମାଙ୍କଡା ଆଦି ପାଇବାରେ ଅସମର୍ଥ ହେଉଛି। ତେଣୁ ପ୍ରତିବନ୍ଧକ ରହିବାରେ ମାନେ କ'ଣ ବୋଲି ଶ୍ରୀ ରାଉତ ପ୍ରଶ୍ନ କରିଛନ୍ତି।

## ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ତରଫରୁ ପ୍ରଥମ ଓଡ଼ିଆ ବାରିଷ୍ଟର୍ ଉତ୍କଳରତ୍ନ ସ୍ୱର୍ଗତଃ ବିଶ୍ୱନାଥ ମିଶ୍ରଙ୍କ ସ୍ମୃତିଚାରଣ ସହ ବୃକ୍ଷରୋପଣ



ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ରାଜଭବନ ସମ୍ମୁଖ ୟୁନିଟ୍-୮ଠାରେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଅତୁଳନୀୟ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାପ୍ରାଣ ଓଡ଼ିଶାର ପ୍ରଥମ ବାରିଷ୍ଟର ତଥା ଓଡ଼ିଆ ଭାଷାଭାଷୀଙ୍କୁ ନେଇ ସ୍ୱତନ୍ତ୍ର ଓଡ଼ିଆ ପ୍ରଦେଶ ଗଠନ କରିବାରେ ଅଗ୍ରଣୀ ଭୂମିକା ନେଇଥିବା ବ୍ୟକ୍ତିତ୍ୱ ଉତ୍କଳ ରତ୍ନ ସ୍ୱର୍ଗତଃ ବିଶ୍ୱନାଥ ମିଶ୍ରଙ୍କ ୧୪୨ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଭିଯାନର ଅଧ୍ୟକ୍ଷ ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ମତବ୍ୟକ୍ତ କରି କହିଥିଲେ ଯେ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା ତଥା ଓଡ଼ିଆ ଭାଷାଭାଷୀଙ୍କୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଆହ୍ୱାନ ଦେଇଥିବା ଓ ପ୍ରଥମ ଓଡ଼ିଆ ବାରିଷ୍ଟର ବିଶ୍ୱନାଥ ମିଶ୍ର ଥିଲେ ପ୍ରକୃତରେ ଉତ୍କଳ ରତ୍ନ। ତାଙ୍କର ଓଡ଼ିଶା ପ୍ରତି ଅବଦାନ ଚିରସ୍ମରଣୀୟ। ଏଠାରେ ସୂଚନାଯୋଗ୍ୟ ଯେ, ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀଙ୍କ ଆପ୍ରାଣ ପ୍ରଚେଷ୍ଟା ଦ୍ୱାରା ଉତ୍କଳ ରତ୍ନ ବିଶ୍ୱନାଥ ମିଶ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ଅଭିଯାନ ପକ୍ଷରୁ ବିଶ୍ୱନାଥ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହିତ ବୃକ୍ଷରୋପଣ ଓ ଚତୁଃପାର୍ଶ୍ୱର ସଫେଇ କାର୍ଯ୍ୟ କରାଯାଇଥିଲା। ଉକ୍ତ ସ୍ମୃତିଚାରଣ ସଭାରେ ତାଙ୍କର ନାତି ତଥା ବିଶିଷ୍ଟ ପ୍ରଫେସର ସୂର୍ଯ୍ୟମଣି ମିଶ୍ର ଉପସ୍ଥିତ ରହି ତାଙ୍କର ଅବଦାନକୁ ସ୍ମରଣ କରିଥିଲେ। ପୂଜ୍ୟପୂଜା ହେଉଛି ଆମର ପାତାଳଭେଦୀ ସଂସ୍କୃତି ଓ ଏହାକୁ ଅଣଦେଖା କସ୍ମିନ୍‌କାଳେ ବରଦାସ୍ତ କରାଯିବ ନାହିଁ ବୋଲି ସ୍ମୃତିଚାରଣ ପୂର୍ବକ ମତ ପ୍ରକାଶ ପାଇଥିଲା। ଉକ୍ତ ସ୍ମୃତିଚାରଣ ସଭାରେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଆବାହକ କିଶନ ବରାଇ ଓ ସହ-ସଂଯୋଜକ ନାରାୟଣ ଓଝା, ଡମ୍ବରୁଧର ହରଣ ସିଂ, ଅଲେଖ ଜେନା, ଲକ୍ଷ୍ମଣ ଦାସ, ବୁଦ୍ଧିମାନ ନାୟକ, ନିରଞ୍ଜନ ସାହୁ, ସିତାଂଶୁ ଶେଖର ମହାରଣା, ବିଜୟ ମଲ୍ଲ, ବି ମୁରଲୀଧର, ମନଜିତ୍ କୌର, ମିଟୁ ମହାରଣା, ଡଃ ଅସିତ୍ ଦାସ, ନାରାୟଣ ଖୁଂଟିଆ, ମନୋରଞ୍ଜନ, କମାଣ୍ଡର ସାମଲ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଉମାଚରଣ ମହାନ୍ତି, ସମିତା ମହାରଣା, ସୁଧାକର ଶତପଥୀ, ଶିବଶଙ୍କର ଡାକୁଆ, ତନ୍ମୟ ସାମନ୍ତରାୟ, ସଂଗ୍ରାମ ବଳିୟାର ସିଂ ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ ବୋଲି ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Monday October 21 | ଭୁବନେଶ୍ୱର | ସୋମବାର, ଅକ୍ଟୋବର ୨୧ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com




## କିଟ୍ ଜାତୀୟ କୁଇଜ୍ ପ୍ରତିଯୋଗିତା : ଡନ୍ ବୋସ୍କୋ ସ୍କୁଲ୍ ବିଜେତା

ଭୁବନେଶ୍ୱର, ୨୦।୧୦: କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କିଟ୍ ଏଜୁକେସନ୍ ସମିଟ୍ ଜାତୀୟ କୁଇଜ୍ ପ୍ରତିଯୋଗିତାର ଚୂଡ଼ାନ୍ତ ପର୍ଯ୍ୟାୟ ରବିବାର କିଟ୍ ପରିସରରେ ଶେଷ ହୋଇଛି। ଏହି ପ୍ରତିଯୋଗିତାରେ କୋଲକାତାର ଡନ୍ ବୋସ୍କୋ ସ୍କୁଲ୍‌ର ଛାତ୍ର ଶୁଭଦୀପ ସିହ୍ନାରାୟ ଓ ଅନୁଭବ ସିହ୍ନା ଶ୍ରେଷ୍ଠ ବିବେଚିତ ହୋଇ ଚାମ୍ପିଅନ୍ ଟ୍ରଫି ସହ ୫୦ ହଜାର ଟଙ୍କାର ନଗଦ ଅର୍ଥରାଶି ପୁରସ୍କାର ଲାଭ କରିଥିବା ବେଳେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଛାତ୍ର ସ୍ୱାଧୀନ ରାଉତ ଓ ବି ଅଙ୍କିତ ପାତ୍ର ପ୍ରଥମ ରନର୍ସ ଅପ୍ ବିବେଚିତ ହୋଇ ଟ୍ରଫି ସହ ନଗଦ ୩୦ ହଜାର ଟଙ୍କା ପୁରସ୍କାର ପାଇଛନ୍ତି। ରାଞ୍ଚିର ବ୍ରିଜ୍ ଫର୍ଡ ସ୍କୁଲ୍‌ର ଛାତ୍ର ସମ୍ୟକ ଆନନ୍ଦ ଏବଂ ଅଭିରାଲ ଚୌଧୁରୀ ଦ୍ୱିତୀୟ ରନର୍ସ ଅପ୍




ହୋଇ ଟ୍ରଫି ସହ ନଗଦ ୨୦ ହଜାର ଟଙ୍କା ଅର୍ଥ ରାଶି ପୁରସ୍କାର ଲାଭ କରିଛନ୍ତି। ପୁରସ୍କାର ବିତରଣ ଉତ୍ସବରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷୀକେଶ ମହାନ୍ତି, ଉପକୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ ଏବଂ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାର ବିଷୟବସ୍ତୁ 'ସମସ୍ତଙ୍କ ପାଇଁ ଶିକ୍ଷା' ରହିଥିଲା। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମସ୍ତଙ୍କ ପାଇଁ ଶିକ୍ଷା ବାର୍ତ୍ତାର ପ୍ରଚାର ଓ ପ୍ରସାର ପାଇଁ ଭାରତର ବିଭିନ୍ନ ରାଜ୍ୟରେ 'ଏଜୁକେସନ୍ ସମିଟ୍' ବର୍ଷ ତମାମ ଚାଲିଥିଲା। ଏହି ଅବସରରେ ବିଭିନ୍ନ ରାଜ୍ୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମଗ୍ର ଦେଶରୁ ୧ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନେ ସ୍କୁଲ୍ ଓ ପରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିଜୟୀ ହୋଇ ଜାତୀୟସ୍ତରର ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ଆଜି କିଟ୍ ପରିସରରେ ଅନୁଷ୍ଠିତ ଜାତୀୟସ୍ତରର ତଥା ଚୂଡ଼ାନ୍ତ ପର୍ଯ୍ୟାୟରେ ୨୦ଟି କୁଇଜ୍ ଦଳ ଅଂଶ ଗ୍ରହଣ କରିଥିଲେ। କୁଇଜ୍ ମାଷ୍ଟର ମେଜର ଡା. ଚନ୍ଦ୍ରକାନ୍ତ ନାୟାର ଏହି ଚୂଡ଼ାନ୍ତ ତଥା ଜାତୀୟସ୍ତରର ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।




## ମିଶେଲିନ୍ ରୋଡ୍ ୫ ଏବେ ଭାରତର ଉପଲବ୍ଧ

ଭୁବନେଶ୍ୱର: ନୂଆ ମିଶେଲିନ୍ ରୋଡ୍ ୫ ସହିତ ସ୍ପୋର୍ଟସ୍ ରାଡିଆଲ ଟାୟାର ବର୍ଗର ପ୍ରଦର୍ଶନକୁ ମିଶେଲିନ୍ ଆହୁରି ଉଚ୍ଚ ସ୍ତରରେ ପହଂଚାଇଛି। ଚାରି ବର୍ଷ ପୂର୍ବେ ଉନ୍ମୋଚନ ହେବା ପରଠାରୁ ୧.୫ ନିୟୁତ ଟାୟାରରୁ ଅଧିକ ବିକ୍ରି ସହ ୟୁରୋପୀୟ ସ୍ପୋର୍ଟସ୍ ଟୁରିଂ ଟାୟାର ବଜାରରେ ଅଦ୍ୱିତୀୟ ମାନଦଣ୍ଡ ଧାର୍ଯ୍ୟ କରିଥିବା ମିଶେଲିନ ପାଇଲଟ୍ ରୋଡ୍ ୪କୁ ଏହି ନୂଆ ଟାୟାର ଟପିଯିବା ଆଶା କରାଯାଉଛି। ଏହି ନୂତନ ଟାୟାରକୁ ଏହା ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ସଂସ୍ଥା ଦ୍ୱାରା ପରୀକ୍ଷଣ କରିବା ବେଳେ ମିଶେଲିନ୍ ରୋଡ୍ ୫ ଓଦା ସଡ଼କରେ ଗ୍ରିପ୍ କ୍ଷେତ୍ରରେ ପ୍ରଥମ ସ୍ଥାନରେ ରହିଥିଲା। ଏବଂ ଏହା ନିଜର ଜୀବନକାଳରେ ଓଦା ସଡ଼କରେ ଉଚ୍ଚ ପ୍ରଦର୍ଶନ ଜାରି ରଖୁଛି, କାରଣ ମିଶେଲିନ୍ ପାଇଲଟ୍ ରୋଡ୍ ୪ ତୁଳନାରେ ବ୍ରେକିଂ ବେଳେ ମିଶେଲିନ୍ ରୋଡ୍ ୫ କମ୍ ଦୂରତାରେ ରହୁଛି। ଏହି ସବୁ ଉନ୍ନତି ସହିତ ନିଜର ପ୍ରତିଦ୍ୱନ୍ଦ୍ୱୀ ତୁଳନାରେ ମିଶେଲିନ୍ ରୋଡ୍ ୫ର ଶୁଖିଲା ସଡ଼କରେ ଅତ୍ୟୁତମ ଗ୍ରିପ୍ ଓ ଉତ୍କୃଷ୍ଟ ସ୍ଥିରତା ଓ ଉଲ୍ଲେଖନୀୟ ସଡ଼କ ବ୍ୟବହାରର ମିଶ୍ରଣ ରହିଛି ଯାହା ସ୍ପୋର୍ଟସ୍ ଟୁରିଂ ମୋଟରସାଇକଲ୍ ମାଲିକଙ୍କ ଏକ ପ୍ରମୁଖ ବିଚାର। ମିଶେଲିନ୍ ରୋଡ୍ ୫: ନିଜର ପାଂଚ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀଙ୍କ ତୁଳନାରେ ଉତ୍କୃଷ୍ଟ ଓଦା-ପାଣିପାଗ ଗ୍ରିପ୍ ନିକଟରେ ସଂସ୍ଥା ପକ୍ଷରୁ ଏହାର ପ୍ରମୁଖ ପାଂଚ ପ୍ରତିଦ୍ୱନ୍ଦ୍ୱୀଙ୍କ ସହିତ ତୁଳନା ବେଳେ ଜଣାପଡ଼ିଛି ଯେ ତିନି ପ୍ରଯୁକ୍ତିର ସମିଶ୍ରଣ ଥିବା ମିଶେଲିନ୍ ରୋଡ୍ ୫ ଶ୍ରେଷ୍ଠ ଓଦା-ପାଣିପାଗ ଗ୍ରିପ୍ ପ୍ରଦାନ କରୁଛି।

## ହିଣ୍ଡାଲ୍‌କୋ ହିରାକୁଦ ପକ୍ଷରୁ ମେଗା ବୃକ୍ଷରୋପଣ ଅଭିଯାନ




ଭୁବନେଶ୍ୱର: ପରିବେଶର ସୁରକ୍ଷା କରିବା ଏବଂ ବିଶ୍ୱ ତାପାୟନର ଆହ୍ୱାନର ମୁକାବିଲା କରିବା ଲକ୍ଷ୍ୟ ନେଇ ଆଦିତ୍ୟ ବିର୍ଲା ଗ୍ରୁପର କଂପାନି ହିଣ୍ଡାଲକୋ ପକ୍ଷରୁ ହିରାକୁଦ ଠାରେ ମେଗା ବୃକ୍ଷରୋପଣ ଅଭିଯାନ ଆୟୋଜନ କରାଯାଇଛି। ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ପ୍ରଦୂଷଣ ନିୟନ୍ତ୍ରଣ ଲାଗି ବୃକ୍ଷରୋପଣ କରିବା ଓ ବୃକ୍ଷ ସଂଚୟ କରିବା ଏବଂ ପରିବେଶର ସୁରକ୍ଷା ଲାଗି ଲୋକମାନଙ୍କ ମଧ୍ୟରେ ସଚେତନତା ବଢ଼ାଇବା ଏବଂ ପଦକ୍ଷେପ ଭିତିକ ସକାରାତ୍ମକ ଭାବ ଗ୍ରହଣୀୟ କରାଇବା। ହିରାକୁଦର ଡକ୍ଟର ବି ଆର ଆମ୍ବେଦକର ଯୁବକ ସଂଘ ସହଯୋଗରେ ଆୟୋଜନ କରାଯାଇଥିବା ଏହି ମେଗା ବୃକ୍ଷରୋପଣ ଅଭିଯାନରେ ଶତାଧିକ ଲୋକ ଅଂଶଗ୍ରହଣ କରି ରିକ୍‌ସାପଡା ଅଂଚଳକୁ ସବୁଜ ଓ ଜୀବନ୍ତ କରିବା ଲାଗି ୩୦୦ରୁ ଅଧିକ ଚାରା ରୋପଣ କରିଥିଲେ। ହିଣ୍ଡାଲକୋ ସିଏସ୍‌ଆର୍ ବିଭାଗର ଶ୍ରୀଯୁକ୍ତ ଜଗଦିଶ ମିଶ୍ର ଓ ଯୁବକ ସଂଘର ପ୍ରତିନିଧି ମାନେ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଏହି ବୃକ୍ଷରୋପଣ ଅଭିଯାନ ବିଷୟରେ ଶ୍ରୀଯୁକ୍ତ ଆର୍ କେ ଗୁପ୍ତା, ମୁଖ୍ୟ ହିଣ୍ଡାଲ୍‌କୋ ସମ୍ବଲପୁର କ୍ଲଷ୍ଟର କହିଛନ୍ତି ଯେ, "ଏକ ଦାୟିତ୍ୱବାନ କର୍ପୋରେଟ ନାଗରିକ ଭାବେ ଆମେ ସର୍ବଦା ପରିବେଶର ବିଭିନ୍ନ ଦିଗ ପ୍ରତି ପ୍ରତିବଦ୍ଧ ଓ ସଚେତନ। ପରିବେଶ ପରିଚାଳନା ପ୍ରତି ଆମର ଉଦ୍ୟମ ସବୁ ବେଳେ ଆମ ଗ୍ରୁପର ସଷ୍ଟେନେବିଲିଟି ଫ୍ରେମଓ୍ୱର୍କ ସହିତ ଜଡ଼ିତ ରହିଛି ଯାହା ବିଶ୍ୱ ସ୍ତରର ଶ୍ରେଷ୍ଠ ସଷ୍ଟେନେବିଲିଟି ବ୍ୟବସ୍ଥାରୁ ଅନୁପ୍ରାଣିତ ହୋଇ ପ୍ରସ୍ତୁତ କରାଯାଇଛି। ଏକ ନିରନ୍ତର ଭବିଷ୍ୟତ ଗଠନ କରିବା ପ୍ରତି ଆମର ଉଦ୍ୟମକୁ ସର୍ବାଧିକ ସ୍ତରରେ ପହଂଚାଇବା ଲାଗି ଆମେ କରୁଥିବା ଉଦ୍ୟମର ଏକ ଅଂଶ ହେଉଛି ଏହି ବୃକ୍ଷରୋପଣ ଅଭିଯାନ।"

## ୬୩ ଦେଶ, ୧୩୦୦ରୁ ଅଧିକ ପ୍ରତିଯୋଗୀ, ନମସ୍ତେ କଜାନ୍

ଭୁବନେଶ୍ୱର,(ପିଏନ)-୪୮ ସଦଶ୍ୟ ବିଶିଷ୍ଟ ଭାରତୀୟ ଦଳ ଓ୍ୱାର୍ଲ୍ଡ ସ୍କିଲ ଇଂଟରନ୍ୟାସନାଲ କମ୍ପିଟେସନ ୨୦୧୯ ପାଇଁ ରୁଷିଆର କଜାନ ରେ ପହଂଚିଥିଲେ। ସଦଶ୍ୟ ମାନେ ୪୪ଟି ବିଭାଗ ଯଥା, ମୋବାଇଲ ରୋବୋଟିକ୍ସ, ପ୍ରୋଟୋଟାଇପ ମଡେଲିଙ୍ଗ, ହେୟାର ଡ୍ରେସିଙ୍ଗ, ବେକିଙ୍ଗ, କନ୍‌ଫେକଶନାରି ଏବଂ ପେଟିସାରି ଓ୍ୱେଲଡିଙ୍ଗ, ଇଟା ଧାଡିରେ ରଖିବା, କାର ପେନ୍‌ଟିଙ୍ଗ, ପ୍ଲୋରେଷ୍ଟିଙ୍ଗ ଇତ୍ୟାଦି, ଏବଂ ଏହି ସବୁ କାର୍ଯ୍ୟ ପାଇଁ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଖାଇବା ପାଇଁ ପ୍ରସ୍ତୁତ ଅଛନ୍ତି। ୪୪ ଜଣ ବିଶେଷଜ୍ଞ ଏବଂ ୧୪ ଜଣ ବ୍ୟାଖ୍ୟାକାରୀ ଏହି ଟିମ୍ ସହିତ ଜଡିତ ଅଛନ୍ତି। ୬୦ ରୁ ଅଧିକ ଦେଶ ଏହି କମ୍ପିଟେସନ ଭାଗ ନେଇଛନ୍ତି ଏବଂ ଏହା ୬ ଦିନ ଧରି ଚାଲିବ ଯାହାକି ଅଲମ୍ପିକ୍ସ ଅଫ ସ୍କିଲସ୍ ନାମରେ ପରିଚିତ।



## ବେଦାନ୍ତ ପକ୍ଷରୁ ୫୯ତମ ୨୦୧୯ ସିଆମ୍ ବାର୍ଷିକ ସମ୍ମିଳନୀରେ ପ୍ରାଇମେରୀ ଫାଉଣ୍ଡରୀ ଆଲଏ(ପିଏଫଏ)ର ପ୍ରଦର୍ଶନ

ଭୁବନେଶ୍ୱର: ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ୫୯ତମ ୨୦୧୯ ସିଆମ୍ ବାର୍ଷିକ ସମ୍ମିଳନୀରେ ପ୍ରାଇମେରୀ ଫାଉଣ୍ଡରୀ ଆଲଏ(ପିଏଫଏ)ର ପ୍ରଦର୍ଶନ କରାଯାଇଛି। ପ୍ରଥମ ଆଲୁମିନିୟମ ଉତ୍ପାଦକ ଭାବେ ଘରୋ ବଜାରରେ ପିଏଫଏ ଅଟୋମୋବାଇଲ୍ ଶିଳ୍ପକୁ ଯୋଗାଇବ।ବେଦାନ୍ତ ସରକାରୀ ସହଯୋଗରେ ୨୪୦,୦୦୦ଟନ୍ ପିଏଫ୍‌ଏ ଉତ୍ପାଦନ କରିଥାଏ। ଏହା ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନ୍ତର୍ଗତ ସମ୍ପନ୍ନ ହୋଇଥାଏ।ଏହି ଅବସରରେ ବେଦାନ୍ତ ଲିଃ. ଆଲୁମିନିୟମ ଏବଂ ପାଓ୍ୱାର ସିଇଓ ଅଜୟ କପୁର କହିଲେ, ଭାରତୀୟ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଆମେ ପିଏଫ୍‌ଏ ଯୋଗାଇବା ପାଇଁ ନିଷ୍ପତି ନେଇଛୁ। ଏହା ଦ୍ୱାରା ଭାରତୀୟ ଅଟୋ ସେକ୍ଟର ବେଶ୍ ଲାଭାନ୍ୱିତ ହେବ।ପିଏଫ୍‌ଏ କାଷ୍ଟ ଆଲୁମିନିୟମ୍‌ରୁ ପ୍ରସ୍ତୁତ ହୋଇଥାଏ। ଏଥିରେ ଆଲୁମିନିୟମ୍, ସିଲିକନ୍, ମ୍ୟାଗ୍ନେସିୟମ୍ ଆଦି ରହିଥାଏ। ଏହାଦ୍ୱାରା ଆଲଏ ହ୍ୱିଲ୍, ସିଲିଣ୍ଡର ହେଡ୍, ବ୍ରେକ୍ ସିଷ୍ଟମ୍ ସମେତ ଅନ୍ୟ ଯନ୍ତ୍ରାଂଶ ନିର୍ମିତ ହୋଇଥାଏ।ସମ୍ପ୍ରତି ଭାରତରେ ଆଲୁମିନିୟମ୍ ହ୍ୱିଲ୍ ପରିମାଣ ଯଥେଷ୍ଟ କମ୍ ରହିଛି। ବିଶ୍ୱ ବଜାର ସ୍ଥିତି ସୁଦୃଢ଼ ପାଇଁ ଭାରତକୁ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ବିଶ୍ୱ ବଜାରକୁ ଦୃଷ୍ଟିରେ ରଖି ବେଦାନ୍ତ ଗୁଣବତାଯୁକ୍ତ ପିଏଫ୍‌ଏ ଅଟୋ ସେକ୍ଟରକୁ ଯୋଗାଇବ।ଆଲୁମିନିୟମ୍ ପରିବହନ, ଫାସ୍ୱାର, ଏରେସ୍ପେସ୍, ପ୍ରତିରକ୍ଷା, ପ୍ୟାକେଜିଂ ଶିଳ୍ପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସ୍ମାର୍ଟ ସିଟି, ପାଓ୍ୱରଫର୍ ଆଲ୍ ଏବଂ ସ୍ୱଦେଶୀ ସ୍ପେସ୍ କାର୍ଯ୍ୟକ୍ରମରେ ଆଲୁମିନିୟମ୍ ପିଏଫ୍‌ଏର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି।

## ଆପୋଲୋ ହସ୍ପିଟାଲ୍‌ସ ଆନ୍ତର୍ଜାତିକ ସ୍ୱାସ୍ଥ୍ୟ ଆଲୋଚନାର ଶୁଭାରମ୍ଭ

ଭୁବନେଶ୍ୱର, ୧୪/୯ : ଆପୋଲୋ ହସ୍ପିଟାଲ୍ସର ଆନ୍ତର୍ଜାତିକ ସ୍ୱାସ୍ଥ୍ୟ ସମ୍ମିଳନୀକୁ ଆପୋଲୋ ହସ୍ପିଟାଲ୍ସ ଗ୍ରୁପର ଅଧ୍ୟକ୍ଷ ଡକ୍ଟର ପ୍ରତାପ ସି ରେଡ୍ଡି ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଦେଶ ବିଦେଶର ୩୦୦୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି। ଏସିଆର ଏହି ସର୍ବବୃହତ ରୋଗୀ ସୁରକ୍ଷା କେନ୍ଦ୍ରିକ ସମ୍ମିଳନୀ ଏବଂ ସର୍ବବୃହତ ସ୍ୱାସ୍ଥ୍ୟ ଏବଂ ସୂଚନା ପ୍ରଯୁକ୍ତି ସମ୍ମିଳନୀ ରେ ୧୨୦ରୁ ଅଧିକ ଦେଶର ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ଡକ୍ଟର ପ୍ରତାପ ସି ରେଡ୍ଡି, ଅଧ୍ୟକ୍ଷ, ଆପୋଲୋ ହସ୍ପିଟାଲ୍‌ସ ଗ୍ରୁପ୍ କହିଛନ୍ତି ଯେ, "ଭାରତୀୟରୋଗୀଙ୍କୁ ଲାଭ ପହଂଚାଇବା ପାଇଁ ଆମେ ସବୁ ବେଳେ ବିଶ୍ୱ ସ୍ତରୀୟ ସ୍ୱାସ୍ଥ୍ୟ ସେବାକୁ ଭାରତକୁ ଆଣିବାକୁ ଉଦ୍ୟମ କରୁଛୁ ଏବଂ ବିଗତ ଦଶନ୍ଧୀ ଭିତରେ ଆମେ ଏଦିଗରେ ସଫଳତାର ସହ ଆଗକୁ ବଢ଼ି ଆମ ରୋଗୀମାନଙ୍କୁ ବିଶ୍ୱ ସ୍ତରର ସେବା ପ୍ରଦାନ କରୁଛୁ। ସେହି ସମୟରେ ଏକ ବିଶ୍ୱ ସ୍ତରୀୟ ମଡେଲ୍ ବିକଶିତ କରିବାର ଆବଶ୍ୟକତା ରହିଛି ଯେଉଁଠାରେ ସାରା ବିଶ୍ୱର ସ୍ୱାସ୍ଥ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଶେଷଜ୍ଞ ଓ ଅଂଶୀଦାରମାନେ ଏକଜୁଟ ହୋଇ ସ୍ୱାସ୍ଥ୍ୟର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରି ।ରିବେ। ଆମେ ଭବିଷ୍ୟତରେ ମଧ୍ୟ ଏଭଳି ସମ୍ମିଳନୀ ଆୟୋଜନ କରିବାକୁ ନିଶ୍ଚିତ କରିବାକୁ ଚାହୁଁଛୁ ଯାହା ବଢ଼ୁଥିବା ବିଭିନ୍ନ ପ୍ରକାର ଅଣ-ସଂକ୍ରାମକ ରୋଗ ଏବଂ ଏନ୍‌ସିଡି ଦୃଷ୍ଟିରୁ ବେଶ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ଆମକୁ ରୋଗୀ ସୁରକ୍ଷାକୁ ମଧ୍ୟ ଭୁଲିଯିବାକୁ ହେବ ନାହିଁ। ଏହା ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ଦିଗରେ ଏକ ଗୁରୁତ୍ୱୂର୍ଣ୍ଣ ବିଷୟ। ଏହି ଗୁରୁତ୍ୱପୂର୍ଣ୍ଣ ମିସନରେ ସହଯୋଗ ପ୍ରଦାନ କରିଥିବାରୁ ଆମେ ତେଲେଙ୍ଗାନା ସରକାରଙ୍କ ପ୍ରତି କୃତଜ୍ଞ।" ଏହି ଅବସରରେ ପ୍ରୀଥା ରେଡ୍ଡି, ଉପାଧ୍ୟକ୍ଷ, ଆପୋଲୋ ହସ୍ପିଟାଲ୍‌ସ ଗ୍ରୁ କହିଛନ୍ତି ଯେ, "ଆମର ଟିମ୍ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି କିଛି ମାସ ହେଲାଣି ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି ଏବଂ ଆମେ ଗର୍ବିତ ଯେ କେବଳ ଭାରତୀୟ ପ୍ରତିନିଧି ନୁହେଁ ସାରା ବିଶ୍ୱର ପ୍ରତିନିଧିଙ୍କ ପାଇଁ ଆମେ ଏହି କାର୍ଯ୍ୟକ୍ରମ ଆୟୋଜନ କରିଛୁ। ଆନ୍ତର୍ଜାତିକ ରୋଗୀ ସୁରକ୍ଷା ସମ୍ମିଳନୀ ହେଉଛି ଏଭଳି ଏକ କାର୍ଯ୍ୟକ୍ରମ ଯେଉଁଠାରେ ବିଶେଷଜ୍ଞମାନେ ସେମାନଙ୍କ ଅଭିଜ୍ଞତା, ଭାବନା ଓ ଚିନ୍ତାଧାରାକୁ ବାଂଟି ।ରିବେ। ଏହି ସମ୍ମିଳନୀର ନିର୍ଯ୍ୟାସକୁ ଆମେ ଚାହିଁ ରହିଛୁ ଯାହା ରୋଗୀଙ୍କ ସୁରକ୍ଷା ବଢ଼ାଇବାରେ ସହାୟକ ହେବ।"




## କ୍ରମାଗତ ୧୧ତମ ଥର ପାଇଁ ଗୋଏୟାରକୁ ସବୁଠାରୁ ବିଶ୍ୱସନୀୟ ବିମାନ କଂପାନି ମାନ୍ୟତା

ଭୁବନେଶ୍ୱର: ଗୋଏୟାରକୁ କ୍ରମାଗତ ୧୧ତମ ଥର ଲାଗି ସବୁଠାରୁ ବିଶ୍ୱାସନୀୟ ବିମାନ କଂପାନିର ମାନ୍ୟତା ପ୍ରଦାନ କରାଯାଇଛି। ଜୁଲାଇ ମାସରେ କଂପାନି ରେକର୍ଡ କରି ୧୧ତମ ଥର ଲାଗି ସର୍ବୋଚ୍ଚ ଅନଟାଇମ୍ ପରଫରମାନ୍ସ (ଓଟିପି) ରେକର୍ଡ କରିଛି। ବେସାମରିକ ବିମାନ ଚାଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଦ୍ୱାରା ପ୍ରକାଶିତ ସଦ୍ୟତମ ତଥ୍ୟରୁ ଜଣାପଡ଼ିଛି ଯେ, ଗୋଏୟାରର ଓଟିପି ୮୦.୫% ରହିଛି ଯାହା ଘରୋଇ ବିମାନ କଂପାନି ମଧ୍ୟରେ ସର୍ବାଧିକ। ସାରା ଦେଶରେ ମୌସୁମୀ ଆଗମନ ହେତୁ ଜୁଲାଇ ଏକ ଜଟିଳ ମାସ ହୋଇଥିବା ସତ୍ୱେ କଂପାନି ଏହି ସଫଳତା ହାସ କରିଛି।ବିମାନ ଶିଳ୍ପର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଯାତ୍ରୀମାନଙ୍କୁ ସଠିକ୍ ସମୟରେ ଗନ୍ତବ୍ୟ ସ୍ଥଳରେ ପହଂଚାଇବା। ଅନେକ ଗବେଷଣାରୁ ଜଣାପଡ଼ିଛି ଯେ କେବଳ ଟିକଟ ଭଡ଼ା କିମ୍ୱା ଉପଲବ୍ଧତା ଦ୍ୱାରା ଗ୍ରାହକ ସନ୍ତୁଷ୍ଟି ମିଳିନଥାଏ। ବିମାନ କଂପାନିକୁ ଚୟନ କରିବା ବେଳେ ଯାତ୍ରୀମାନେ ତାହାର ଅନଟାଇମ୍ ପରଫରମାନ୍ସ ଓ ମନ୍ତବ୍ୟ ସ୍ଥଳରେ ସଠିକ୍ ସମୟରେ ପହଂଚିବାର ଆଶ୍ୱାସନା ଚାହିଥାନ୍ତି ତାହା ସେମାନଙ୍କର ବିମାନ କଂପାନି ଉପରେ ବିଶ୍ୱାସକୁ ସ୍ଥାପିତ କରିଥାଏ।ଗ୍ରାହକଙ୍କୁ ସେବା ପ୍ରଦାନରେ କୌଣସି ପ୍ରକାର ସାଲିସ ନକରି ଗ୍ରାହକ ଅନୁଭୂତିରେ ଉନ୍ନତି ଆଣିବା ପାଇଁ କ୍ରମାଗତ ଭାବେ ଧ୍ୟାନ ପ୍ରଦାନ କରାଯାଉଥିବାରୁ ଗୋଏୟାର ଓଟିପି କ୍ଷେତ୍ରରେ ଅଗ୍ରଣୀ ସ୍ଥାନ ହାସଲ କରିଛି। ୨୦୧୯ ଜୁଲାଇରେ ଗୋଏୟାର ୧୩.୨୬ ଲକ୍ଷ ଯାତ୍ରୀଙ୍କୁ ବିମାନ ଯାତ୍ରାର ସୁବିଧା ପ୍ରଦାନ କରିଛି ଏବଂ ଏହି ସମୟରେ ମାତ୍ର ୦.୪୬% କ୍ୟାନସେଲେସନ ରହିଥିବା ବେଳେ ୨୦ ହଜାର ଯାତ୍ରୀଙ୍କ ମଧ୍ୟରୁ ମାତ୍ର ଗୋଟିଏ ଅଭିଯୋଗ ଆସିଛି।ଶ୍ରୀଯୁକ୍ତ ଜେ ଓ୍ୱାଡ଼ିଆ, ପରିଚାଳନା ନିର୍ଦ୍ଦେଶକ, ଗୋଏୟାର କହିଛନ୍ତି ଯେ, "ଡିଜିସିଏ ଦ୍ୱାରା କ୍ରମାଗତ ଭାବେ ୧୧ ମାସ ପାଇଁ ଓଟିପି କ୍ଷେତ୍ରରେ ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ ଗୋଏୟାର ଲାଗି ସର୍ବୋତ୍କୃଷ୍ଟ ସ୍ୱୀକତି। ଏହା ନିଶ୍ଚିତ ଭାବେ ଗୋଏୟାରର ସମସ୍ତ କର୍ମଚାରୀଙ୍କ ପାଇଁ ଏକ ଗୌରବର ମୁହୂର୍ତ୍ତ ଯେଉଁମାନଙ୍କ କଠିନ ଓ ନିରବଚ୍ଛିନ୍ନ ପରିଶ୍ରମ ଯୋଗୁ ଏହା ସମ୍ଭବପର ହୋଇପାରିଛି। ସେମାନେ ସମୟାନୁବର୍ତ୍ତିତାକୁ କେବଳ କର୍ତବ୍ୟ ଭାବନ୍ତି ନାହିଁ, ଏହା ତାଙ୍କ ରକ୍ତରେ ରହିଛି। ବିଶ୍ୱସନୀୟ ସେବା ପ୍ରଦାନ କରିବା ସହିତ ଗୋଏୟାର ଯାତ୍ରୀମାନଙ୍କୁ ସଠିକ୍ ସମୟରେ ଗନ୍ତବ୍ୟ ସ୍ଥଳରେ ପହଂଚାଇଥାଏ। ଏଥିପାଇଁ ଆମ ପ୍ରିୟ ଗ୍ରାହକମାନଙ୍କୁ ଧନ୍ୟବାଦ-ମୁଁ ଆପଣଙ୍କୁ ଆଶ୍ୱାସନା ଦେଉଛି ଯେ ଗୋଏୟାର ଏହିପରି ଉତ୍କର୍ଷର ଧାରା ବଜାୟ ରଖିବ।"ଗୋଏୟାର ବର୍ତମାନ ୩୦୦ଟି ନିୟମିତ ବିମାନ ସହିତ ୨୪ଟି ଘରୋଇ ସ୍ଥାନକୁ ଉଡ଼ାଣ କରୁଛି ଯାହା ହେଉଛି ଅହମ୍ମଦାବାଦ ବାଗ୍‌ଡୋଗ୍ରା, ବେଙ୍ଗାଲୁରୁ, ଭୁବନେଶ୍ୱର, ଚଣ୍ଡିଗଡ଼, ଚେନ୍ନାଇ, ଦିଲ୍ଲୀ, ଗୋଆ, ଗୌହ୍ୱାଟି, ହାଇଦ୍ରାବାଦ, ଜୟପୁର, ଜମ୍ମୁ, କୋଚି, କୋଲକାତା, କୁନ୍ନୁର, ଲେହ, ଲକ୍ଷ୍ନୌ, ମୁମ୍ବାଇ, ନାଗପୁର, ପାଟନା, ପୋର୍ଟବ୍ଲେୟାର, ପୁନେ, ରାଂଚି ଓ ଶ୍ରୀନଗର। ଗୋଏୟାର ୬ଟି ଆନ୍ତର୍ଜାତିକ ସ୍ଥାନକୁ ମଧ୍ୟ ଉଡ଼ାଣ କରୁଛି ଯେଉଁଥିରେ ରହିଛି ଫୁକେଟ, ମାଲି, ମସ୍କାଟ, ଦୁବାଇ, ଆବୁଧାବି ଓ ବ୍ୟାଙ୍କକ୍ ଏବଂ ୨ଟି ସ୍ଥାନରେ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି।

## ରିଅଲ୍‌ମି ପକ୍ଷରୁ ପ୍ରଥମ ୬୪ ଏମ୍‌ପି କ୍ୱାଡ଼ କ୍ୟାମେରା ଫୋନ୍ ରିଅଲ୍‌ମି ଏକ୍ସଟି

ଭୁବନେଶ୍ୱର: ରିଅଲ୍‌ମି ପକ୍ଷରୁ ଦେଶର ପ୍ରଥମ ୬୪ ଏମ୍‌ପି କ୍ୱାଡ଼ କ୍ୟାମେରା ଫୋନ୍ ରିଅଲ୍‌ମି ଏକ୍ସଟିର ଶୁଭାରମ୍ଭ କରାଯାଇଛି। ରିଅଲ୍‌ମି ଏକ୍ସଟି ରିଅଲ୍‌ମିର ଏକ୍ସ ସିରିଜ୍‌ର ଏକ ଅଂଶ ଅଟେ, ଯାହା ରିଅଲ୍‌ମିର ପ୍ରମୁଖ ଗ୍ରାହକ ମାନଙ୍କୁ ଏକ ଆକର୍ଷଣୀୟ କ୍ୱାଡ଼ କ୍ୟାମେରା ଅନୁଭୂତି ପ୍ରଦାନ କରିବା ପାଇଁ 'ଇମେଜିଂ ଲିପ୍' ଗ୍ରହଣ କରିଛି। ଏହି ବ୍ରାଣ୍ଡ ମଧ୍ୟ ଏହାର ଉପକରଣ ସୃଙ୍ଖଳରେ ସଂପ୍ରସାରିତ କରିଛି, ଯେଉଁଥିରେ ରହିଛି ରିଅଲ୍‌ମି ବଡ୍‌ସ ଓ୍ୱାୟାର୍‌ଲେସ୍ ଇଅର୍‌ଫୋନ୍ ଓ ରିଅଲ୍‌ମି ପାଓ୍ୱାର୍ ବ୍ୟାଙ୍କ। କ୍ୱାଡ଼ କ୍ୟାମେରା ରିଅଲ୍‌ମି ଏକ୍ସଟିରେ ରହିଛି ୪-ଇନ୍-୧ ଆକର୍ଷଣୀୟ ପିକ୍ସେଲ୍ ବିନିଂ, ଏଫ୍/୧.୮ ବୃହତ ଅପେରଚର୍ ଓ ଶୁଭାରମ୍ଭ ସ୍ତରର ଫଟୋଗ୍ରାଫି ପ୍ରଦାନ କରିବା ପାଇଁ ଚମତ୍କାର ଆଲୋକ-ଏକତ୍ରିକରଣତା ପ୍ରଦାନ କରୁଥିବା ୬ପି ଲେନ୍ସ। ଶକ୍ତିଶାଳୀ ୧୦ ଏମ୍‌ଏମ୍ ଅକ୍ଟା କୋର୍ ସ୍ନାପ୍‌ଡ୍ରାଗନ୍ ୭୧୨ ଏଆଇ ପ୍ରୋସେସର୍ ସହିତ ଏଥିରେ ୨.୩ ଜିଗାହର୍ଜ ସିପିୟୁ ରହିଛି ଏବଂ ଏଥିରେ ଥିବା ତୃତୀୟ ପିଢ଼ି ଏଆଇ ଇଞ୍ଜିନ୍ ଏଆଇ କମ୍ପୁଟିଂକୁ ତ୍ୱରାନ୍ୱିତ କରୁଛି। ଏହା ମଧ୍ୟ କ୍ୱାଲକମ୍ ଆଡ୍ରେନୋ ୬୧୬ ଜିପିୟୁ ଧାରଣ କରିଛି, ଯାହା ବ୍ୟବହାରକାରୀଙ୍କୁ ଚିତାକର୍ଷକ କାର୍ଯ୍ୟଦକ୍ଷତା, ତ୍ୱରିତ ଗେମିଂ ଓ ମନୋରଞ୍ଜନ ଅନୁଭୂତି ପ୍ରଦାନ କରିଥାଏ। ରିଅଲ୍‌ମି ଏକ୍ସଟିରେ ଗରିଲା ଗ୍ଲାସ୍ ୫ ହଟ୍ ବେଣ୍ଡିଂ ଜ୍ଞାନକୌଶଳକୁ ବ୍ୟବହାର କରାଯାଇଥିବା ୩ଡି ଗ୍ଲାସ୍ ହାଇପରବୋଲା କର୍ଭ ବ୍ୟାକ୍ ଡିଜାଇନ୍ ରହିଛି, ଯାହାର ୯୨.୧% ସ୍କ୍ରିନ୍-ଟୁ-ବଡି ରେସିଓ ରହିଛି। ରିଅଲ୍‌ମି ଏକ୍ସଟିର ଅତ୍ୟାଧୁନିକ ଇନ୍-ଡିସ୍‌ପ୍ଲେ ଫିଙ୍ଗରପ୍ରିଣ୍ଟ ଜ୍ଞାନକୌଶଳ- ଗୁଡିକ୍ସ ଜି୩.୦ ଫିଙ୍ଗରପ୍ରିଣ୍ଟ ଅନ୍‌ଲକ୍ ସମାଧାନ ବଜାରରେ ଦ୍ରୁତତମ ଅନ୍‌ଲକ୍ ସ୍ପିଡ଼୍ ପ୍ରଦାନ କରୁଛି।

## ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ

ଯୋଡା, ୨୦/୧୦(ପିଏନ)):କେନ୍ଦୁଝର ସହରସ୍ଥିତ ଧୋବାଡିହାରେ ଗଜଲକ୍ଷ୍ମୀ ପୂଜା ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମାଙ୍କର ପୂଜାମଣ୍ଡପକୁ ମୃଣ୍ମୟୀ ମୂର୍ତି ଓ ତୋରଣକୁ ଖୁବ ଆକର୍ଷଣୀୟ ଭାବେ ଆଲୋକରେ ସାଜସଜ୍ଜା କରାଯାଇଥିଲା। ଏହାକୁ ଚକ୍ରତୀର୍ଥ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ଏବଂ କର୍ତା ଭାବେ ଚର୍ତୁଭୁଜ ହୋତା ରହିଥିଲେ। କମିଟି ପକ୍ଷରୁ ଶ୍ରଦ୍ଧାଳୁ ମାନଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା। ଲକ୍ଷ୍ମୀପୂଜା କମିଟିର ସଭାପତି ସତ୍ୟରଂଜନ ପତି, ସମ୍ପାଦକ ହୃଷିକେଶ ମାଝୀଙ୍କ ସମେତ ପୂର୍ବତନ ନଗରପାଳ ମୀନା ମାଝୀ, ମୀତନି ମାର୍ଣ୍ଡି, ଗୌରୀମଣୀ ମାଝୀ, ମିଲି ହାସଦାଃ, ସୁନାରାମ ମୁର୍ମୁ, ଶିବରାମ ସୋରେନ, ରଶ୍ମୀରଂଜନ ମହାନ୍ତି, ଗଙ୍ଗା ମୁର୍ମୁ, ଶିବ ମୁର୍ମୁ, କାକେଶ ବେହେରା, ଦେବରାୟ ଟୁଡୁ, ଅନ୍ୟ ସଦସ୍ୟଙ୍କ ସକ୍ରୀୟ ସହଯୋଗରେ ଏହି ପୂଜା ସଂପନ୍ନ କରାଯାଇଛି।



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray